

ଏ ଯାତ୍ରା ଅବାରିତ । ଏ ଯାତ୍ରା ଦୁର୍ବିନୀତ । କାରଣ ଏ ପଥିକ କାନରେ ବାରମ୍ବାର ଶୁଭେ ଅନନ୍ତର ଡାକ । ଆକାଶ ଡାକେ– ଆ’ ଉଡ଼ିବୁ ମୋ ଛାତିରେ; ସମୁଦ୍ର ଡାକେ– ଆ’ ସନ୍ତରିବୁ ମୋ ବୁକୁରେ; ସୂର୍ଯ୍ୟ ଡାକେ– ଆ’ ଭ୍ରମିବୁ ମୋ ଶତାଶ୍ୱବାହୀ ରଥରେ; ମାଟି ଡାକୁଛି ଆ’, ପବନ ଡାକୁଛି ଆ’, ପକ୍ଷୀ ଡାକୁଛି ଆ’, ଫୁଲ ଡାକୁଛି ଆ’ । କାହାର ଡାକକୁ ସେ କରିବ ଉପେକ୍ଷା !!!

ଭୂମିରୁ ଭୂମା ଯାଏ ପ୍ରଲମ୍ବିତ ଅନନ୍ତର ଡାକ– ଏ କ’ଣ ସାଧାରଣ ଡାକ? ଇଏ ତ ଜୀବନର ମନ୍ତ୍ର, ଆତ୍ମାର ସଙ୍ଗୀତ : ବହୁଜନ ହିତାୟ ବହୁଜନ ସୁଖାୟ ଚ୍ ।

... ଆମର କୋଟି କୋଟି ନମନ ଘେନ ହେ ଯାତ୍ରୀ । ତୁମ ଯାତ୍ରାପଥ ପାଲଟିଯାଉ ଅଗଣିତ ଆଲୋକାନୁବର୍ତ୍ତୀ ସଦାଚାରୀଙ୍କ ପଥ ।

ଡକ୍ଟର ସୁଭାଷ ନାୟକ ଜନନାୟକ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କବିତାବଳୀକୁ ଓଡ଼ିଆକୁ ଆଣିଛନ୍ତି ଗୁଜରାଟୀରୁ ଇଂରାଜୀ ଭାଷାରେ ଶ୍ରୀ ରବିମନ୍ଥାଙ୍କ ଅନୂଦିତ ‘ଏ ଜର୍ଣ୍ଣି’ ପୁସ୍ତକରୁ । ତାଙ୍କୁ ସଶ୍ରଦ୍ଧ ବଧେଇ ।

-ପ୍ରକାଶକ

ISBN 93-90881-78-1


ଏକ ଯାତ୍ରା

# ଏକ ଯାତ୍ରା

ମୂଳ ଗୁଜରାଟୀ
ଶ୍ରୀ ନରେନ୍ଦ୍ର ଦାମୋଦାରଦାସ ମୋଦି

ଇଂରାଜୀ ଅନୁବାଦ
ଶ୍ରୀ ରବି ମନ୍ଥା

ଓଡ଼ିଆ ଅନୁବାଦ
ଡକ୍ଟର ସୁବାଷ ନାୟକ



# ଏକ ଯାତ୍ରା

# ଏକ ଯାତ୍ରା

ମୂଳ ଗୁଜରାଟୀ

**ଶ୍ରୀ ନରେନ୍ଦ୍ର ଦାମୋଦାରଦାସ ମୋଦି**

ଇଂରାଜୀ ଅନୁବାଦ

**ଶ୍ରୀ ରବି ମନ୍ଥା**

ଓଡ଼ିଆ ଅନୁବାଦ

**ଡକ୍ଟର ସୁବାଷ ନାୟକ**

## ଏକ ଯାତ୍ରା

ଅନୁବାଦକ : **ଡ. ସୁବାଷ ନାୟକ**
'ଶ୍ରୀରାମ ନିବାସ', ବଡ଼ହାଟ
ଭୁବନ ଟାଉନ୍, ଢେଙ୍କାନାଳ - ୭୫୯୦୧୭

ପ୍ରକାଶକ : ଦିଲୀପ କୁମାର ବେଉରା
**ବିଜୟିନୀ ପବ୍ଲିକେଶନ୍ସ**
ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ - ୧୨

ପ୍ରଥମ ପ୍ରକାଶନ : ମକର ସଂକ୍ରାନ୍ତି, ୧୪ ଜାନୁଆରୀ ୨୦୨୨

ପ୍ରଚ୍ଛଦ : **ଦିଲୀପ**

ମୁଦ୍ରଣ : ସ୍ୱସ୍ତିକ୍ ପ୍ରିଣ୍ଟର୍ସ, କଟକ

---

## Eka Jatra

Translated by: **Dr. Subash Nayak**
'Sriram Nivas', Badahat
Bhuban Town, Dhenkanal -759017
Tel. : 9438109872

Publisher : Dilip Kumar Beura
**Bijayinee Publications**
Shankarpur, Arunodaya Market, Cuttack - 753 012
Phone : 9439241471

First Edition : Makar Sankranti, 14 January 2022
Cover Art : Dilip
Printed at : Swostik Printers, Cuttack

---

Price : ₹ 120 ISBN : 978-93-90881-78-9




# ଉତ୍ସର୍ଗ



**ଡକ୍ଟର ପ୍ରମୋଦ କୁମାର ମିଶ୍ର**

ଭାରତୀୟ ପ୍ରାଶାସନିକ ସେବା ଅଧିକାରୀ (ସେବା ନିବୃତ୍ତ)
ପ୍ରମୁଖ ସଚିବ – ଶ୍ରୀ ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ, ଭାରତ ସରକାର
ମିଳିତ ଜାତିସଂଘ ସମ୍ମାନପ୍ରାପ୍ତ ପ୍ରଶାସକ
ପ୍ରଥିତଯଶା ଭାରତୀୟ ଲେଖକ, ଓଡ଼ିଶା

ଓଡ଼ିଆ ଜନଜୀବନର ବିସ୍ମୟ ପୁରୁଷ, ଆନ୍ତର୍ଜାତୀୟ ସୃଜନଶୀଳ ପ୍ରତିଭାଦୀପ୍ତ, ମୁକ୍ତ, ନିରପେକ୍ଷ, ଅବାଧ ରାଜନୀତିକ ପୃଷ୍ଠପୋଷାକ, ଦୁର୍ନୀତି ବିରୋଧୀ, ସଂଗ୍ରାମର ସାରଥି, ମା'-ମାଟି-ମଣିଷଙ୍କ ସ୍ୱପ୍ନର ନୂତନ ବିନ୍ଧାଣି, ମିଳିତ ଜାତିସଂଘ ପୁରସ୍କାରପ୍ରାପ୍ତ ସଫଳ ଭାରତୀୟ ପ୍ରଶାସକ ଡକ୍ଟର ପି.କେ. ମିଶ୍ରଙ୍କ କରକମଳରେ ମୁଁ ମୋର ମାନସ ମନ୍ଥନ ସାରସ୍ୱତ ସମ୍ଭାର ଜନପ୍ରିୟ ପ୍ରଧାନମନ୍ତ୍ରୀ କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ 'ଏ ଜର୍ଣ୍ଣି' ର ଶାସ୍ତ୍ରୀୟ ଓଡ଼ିଆ ଭାଷା ଅନୁବାଦ 'ଏକ ଯାତ୍ରା', ଭାରତୀୟ ସାହିତ୍ୟର ଅମୂଲ୍ୟ ପୁସ୍ତିକାଟିକୁ ସମ୍ମାନର ସହ ସାଦର ସମର୍ପଣ କରୁଅଛି ।

(ପ୍ରଫେସର ଡକ୍ଟର ସୁବାଷ ନାୟକ)



**R Mantha** 3:52 pm

to me



| | |
|---|---|
| From | R Mantha • rmantha@gmail.com |
| To | Prof.Subash Nayak • drsubashnayak48@gmail.com |
| Date | 29 Nov 2021, 3:52 pm |
| | Standard encryption (TLS). See security details |

Dear Professor Nayak ji,
Heartiest congratulations on the publication of your book, a translation of the poetry of Shri Narendra Modi into the classic Odia language!
As the English translator of the Honorable Prime Minister's work, I wholeheartedly support your effort to spread his words and emotions far and wide and across Bharatavarsha by translating into our rich and diverse vernacular languages.
Warmly,
Ravi Mantha

Hide quoted text

# ଅନୁବାଦକଙ୍କ ମାନସପଟରେ
# ନରେନ୍ଦ୍ର ମୋଦି

ନରେନ୍ଦ୍ର ମୋଦି ଭାରତୀୟ ସାହିତ୍ୟ ତଥା ରାଜନୀତିରେ ଏକ ଉଚ୍ଚାରିତ ନାମ । ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱଭଳି ଭାରତୀୟ ସାହିତ୍ୟରେ ସେ ଜଣେ କବି ତଥା ଗାଳ୍ପିକ ଭାବରେ ପରିଚିତ । ସେ ଗୁଜରାଟୀ ଭାଷା ଓ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା । ପୁନଶ୍ଚ ଜଣେ ରାଜନୀତିଜ୍ଞ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ତଥା ଭାରତର ପ୍ରଧାନମନ୍ତ୍ରୀ ତଥା ବିଶ୍ୱନେତା ଭାବରେ ମୋଦିଜୀ ମାନ୍ୟତାପ୍ରାପ୍ତ ।

ନରେନ୍ଦ୍ର ମୋଦିଙ୍କ 'ଏ ଜର୍ଣ୍ଣି' ଗୁଜୁରାଟୀ କବିତା ପୁସ୍ତକର ଇଂରାଜୀ ପୁସ୍ତକର ଅନୁବାଦକ ରବି ମନ୍ଥା । ମୋ ଦ୍ୱାରା ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଅନୂଦିତ ହୋଇ ଏହା ଓଡ଼ିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟ ପାଇଁ ଏକ କାଳଜୟୀ ଅବଦାନ । 'ଏ ଜର୍ଣ୍ଣି' ପୁସ୍ତକ – ଭାରତୀୟ କବିଙ୍କୁ ବିଭିନ୍ନ ଭାଷାରେ ଅନୁବାଦ ପାଇଁ ପ୍ରେରଣାଦାୟୀ ଯଥା– ଓଡ଼ିଆ, ସଂସ୍କୃତ, ହିନ୍ଦୀ, ତାମିଲ୍, ତେଲ୍‌ଗୁ, ମାଲାୟଲମ୍, ଆସାମୀ, ପଞ୍ଜାବୀ, ରାଜସ୍ଥାନୀ, ସିନ୍ଧି, କନ୍ନଡ଼, ମରାଠୀ, ବେଙ୍ଗଲୀ, ସାନ୍ତାଳୀ – ଆଦି ଭାରତୀୟ ଭାଷାରେ ଅନୁବାଦ କାର୍ଯ୍ୟ, ଯାହାକି ଭାରତୀୟ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ ।

ଆର୍ଜେଣ୍ଟିନାର ସାଂସଦ କବୟିତ୍ରୀ ଡକ୍ଟର ସୁଷନା ରୋବୋଟ୍ 'ଏ ଜର୍ଣ୍ଣି' ପୁସ୍ତକକୁ ସ୍ପାନିସ୍ ଭାଷାରେ ଅନୁବାଦ କାର୍ଯ୍ୟ ସାରିବା ସହିତ ଚୀନ୍, ଭୁଟାନ, ନେପାଳ ଓ ବାଙ୍ଗ୍‌ଲାଦେଶୀ କବିଙ୍କ ଦ୍ୱାରା ଅନୁବାଦ କାର୍ଯ୍ୟ– ବିଶ୍ୱସାହିତ୍ୟକୁ ଏକ ବହୁମୂଲ୍ୟ ଅବଦାନ ।

ଭାରତବର୍ଷର – ରାଷ୍ଟ୍ରପିତା ମହାତ୍ମାଗାନ୍ଧିଙ୍କ ପରେ ବିଶିଷ୍ଟ ଜନନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି – ଭାରତକୁ ମିଳିତ ଜାତିସଂଘ – ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ କରିବାର ପ୍ରୟାସ – ତାଙ୍କୁ ନୂତନ ଭାରତର ରାଷ୍ଟ୍ରପିତାର ମର୍ଯ୍ୟାଦା





ପ୍ରଦାନ କରିବା ଯେପରି ସୁଖଦ କଥା, ଠିକ୍ ସେହିପରି – ଭାରତୀୟ ସାହିତ୍ୟର ତଥା ବିଶ୍ୱସାହିତ୍ୟର ନୋବେଲ୍ ପୁରସ୍କାରପ୍ରାପ୍ତ ଏକମାତ୍ର ଭାରତୀୟ କବି – ରବୀନ୍ଦ୍ରନାଥ ଠାକୁର (୧୯୧୩)ଙ୍କ ପଦାନୁସାରେ ନରେନ୍ଦ୍ର ମୋଦିଙ୍କ 'ଏ ଜର୍ଣ୍ଣି' କବିତା ଆଗାମୀ ଦିନରେ ନୋବେଲ୍‌ପ୍ରାପ୍ତ କବିର ମାନ୍ୟତା ସହ ନରେନ୍ଦ୍ର ମୋଦି ବିଶ୍ୱକବି ଭାବରେ ପରିଗଣିତ ହେବେ ।

"ଓଡ଼ିଆ ସାହିତ୍ୟର କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ଗୁଜରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ– ଏକ ଅଧ୍ୟୟନ" ପ୍ରସଙ୍ଗରେ ମୋର ଉଚ୍ଚତର ଗବେଷଣା ପୋଷ୍ଟ ଡକ୍ଟରାଲ୍ / ଡକ୍ଟର ଅଫ୍ ଲିଟ୍‌ରେଚର୍ (ଡି.ଲିଟ୍.) ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରୟାସ ନରେନ୍ଦ୍ର ମୋଦିଙ୍କ କବି ପ୍ରତିଭାକୁ ବିଶ୍ୱକବିର ମାନ୍ୟତା ପ୍ରଦାନ କରିବା ଦିଗରେ ଏକ ମାଇଲ୍‌ଖୁଂଟି ହେବ, ଏଥିରେ ତିଳେମାତ୍ର ଅବକାଶ ନାହିଁ ।

'ଏ ଜର୍ଣ୍ଣି' ପୁସ୍ତକଟିକୁ ଓଡ଼ିଆ ଭାଷାରେ ଅନୁବାଦ କାର୍ଯ୍ୟ – ଓଡ଼ିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟର ପାଠକପାଠିକାଙ୍କ ଆଦୃତି ଲାଭ କରିବ । କୃତିର ସୁଖ୍ୟାତି ନୁହେଁ ପରନ୍ତୁ ଶ୍ରମ ସାର୍ଥକ ହେବାର ଗଭୀର ଆଶ୍ୱସ୍ତି ଆଶା କରୁଅଛି । ଏହାହିଁ କବି ନରେନ୍ଦ୍ର ମୋଦିଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

**ପ୍ରଫେସର ଡକ୍ଟର ସୁବାଷ ନାୟକ**

# ସୂଚୀ


❖ ଯାତ୍ରା || ୧୩
❖ ଭାଗ୍ୟବାନ ଚକ୍ଷୁ ମୋର || ୧୪
❖ ଭାସିଯାଏ ମୁଁ || ୧୫
❖ ଆଶିଷ || ୧୬
❖ ପ୍ରେମ ପଦାବଳୀ || ୧୭
❖ ଉଠ ଆହେ ବୀର || ୧୮
❖ ଆଜି || ୧୯
❖ ଆମ୍ଭେ ଦୁହେଁ ସାଥୀ || ୨୦
❖ ଆଶା || ୨୧
❖ ଶୀତଳତା || ୨୩
❖ କାଳ ବିପର୍ଯ୍ୟୟ || ୨୪
❖ ଯୋଦ୍ଧା ଜାଗି ଉଠ || ୨୫
❖ ଉଠ ନିଜର ଭାଗ୍ୟକୁ ରୂପ ଦିଅ || ୨୬
❖ ଏକ ବା ଦୁଇ ବିନ୍ଦୁ ଅଶ୍ରୁ || ୨୭
❖ ଏପରି ବ୍ୟକ୍ତି || ୨୮
❖ ଉତ୍ସବ || ୨୯
❖ କାର୍‌ଗିଲ୍‌ || ୩୦
❖ କ୍ରିୟା || ୩୧
❖ ଗର୍ବର ସହ ସତ୍ୟର ସନ୍ଧାନ || ୩୨
❖ ସଙ୍ଗୀତ ଏକ ନୂତନ ଦିଗର || ୩୩
❖ ଗରବା-ନୃତ୍ୟ || ୩୫







❖ ସଙ୍ଗୀତରେ || ୩୬
❖ ଗୋଲାପ ତୋଡ଼ା || ୩୭
❖ ହିନ୍ଦୁ ଭାବେ ମୁଁ ଗର୍ବିତ || ୩୮
❖ ବୈରାଗ୍ୟ || ୩୯
❖ ଭଗବାନଙ୍କ ଛତ୍ର ତଳେ || ୪୦
❖ ଆସିଛି ବସନ୍ତ || ୪୧
❖ ମିଥ୍ୟାର ଜୟଗାନ || ୪୨
❖ ଛବି ଅନ୍ତରାଳେ || ୪୩
❖ ବିଚାର || ୪୫
❖ ଭକ୍ତି || ୪୬
❖ ନଦୀର ନାମ ନର୍ମଦା || ୪୭
❖ ସ୍ଥିର ପଥ || ୪୯
❖ ଆସନ୍ତାକାଲିର ଆହ୍ୱାନ || ୫୦
❖ ପ୍ରଜାପତି || ୫୨
❖ ମଧୁମକ୍ଷିକା || ୫୩
❖ ସ୍ୱଚ୍ଛତା || ୫୪
❖ ନୂତନ ଦିନର ଅପେକ୍ଷା || ୫୫
❖ ବିଭୁକୃପା || ୫୬
❖ ପ୍ରଚେଷ୍ଟା || ୫୭
❖ ପ୍ରାର୍ଥନା || ୫୮
❖ ପ୍ରେମ || ୫୯
❖ ସଫଳ ଅଧ୍ୟବସାୟ || ୬୦
❖ ମଧ୍ୟରାତ୍ର || ୬୧
❖ ମନଃଚକ୍ଷୁ, ତୃତୀୟ ନୟନ || ୬୨
❖ ଆମେ ମିଳୁ ଏକ ହୋଇ || ୬୩
❖ ମନ୍ତ୍ର ଉଚ୍ଚାରଣ || ୬୫
❖ ମା' ମୋତେ ଶକ୍ତି ଦେ || ୬୭

- ❖ ଆସକ୍ତି ॥ ୬୮
- ❖ ଚାଲ ଆମେ ମେଳାରେ ମେଳିବା ॥ ୬୯
- ❖ ଗୁପ୍ତ ॥ ୭୧
- ❖ ରମେଶ ପାରେଖ ॥ ୭୨
- ❖ ଲକ୍ଷ୍ୟ ଆଡ଼କୁ ॥ ୭୪
- ❖ ବନ୍ଦେ ମାତରମ୍ ॥ ୭୫
- ❖ ପ୍ରେମ କେତେ ଅଜଣାଟି ସତେ ॥ ୭୬
- ❖ ପ୍ରତ୍ୟୁଷର ପ୍ରହେଳିକା ॥ ୭୭
- ❖ ବେଦନାର ସ୍ରୋତ ଯାଉ ବୋହି ॥ ୭୯
- ❖ ଶବ୍ଦାବଳୀ ॥ ୮୧
- ❖ ଅସମୟ ଋତୁ ॥ ୮୨
- ❖ ସପନର ବୀଜ ॥ ୮୩
- ❖ ସାଥି ହୋଇ ଚିନ୍ତନ କରିବା ॥ ୮୪
- ❖ ନୌ ଯାତ୍ରୀ ॥ ୮୬
- ❖ ସଂକଳ୍ପ ॥ ୮୭
- ❖ ସ୍ମୃତିଚାରଣ ॥ ୮୯
- ❖ ହିନ୍ଦୁର ମନ୍ତ୍ରଗାନ ॥ ୯୨
- ❖ ଏକା ଦଶଦିଶା ॥ ୯୪


●



# ଯାତ୍ରା

କଳ୍ପନାର ଯାତ୍ରା ପଥେ
ଭ୍ରମଣ ମୋ ଗଭୀର ଅତୀତେ
ପ୍ରତିଟି ବଦନେ ପ୍ରତେ ହେଲା
ଖୋଲିଗଲା କେତେ ସ୍ମୃତି ମୋତେ
ପ୍ରତିଟି ଆହ୍ୱାନ ଆଣେ ସହଜ ଉତ୍ତର
ପ୍ରତିଟି ପ୍ରତିଭା ଚିହ୍ନା ଚିହ୍ନା ସମାଜର ।

କେହି ବି ରୁହେନି ଲୁପ୍ତ ସବୁ ପ୍ରତିଭାତ
ଏହି ତ ସତ୍ୟ, ଶିବ ଓ ଶାଶ୍ୱତ
ଯେଉଁ ସାଥି ଅସହଜ ବେଦନା ପ୍ରଦାୟୀ
କେବେ କି ମୋ ମନୁ ଯାଏ ଭୁଲିହୋଇ
ଏକା ସାଥେ ମଥା ପାତି ସହିଛନ୍ତି ହାୟ
ସେହିସବୁ ପୀଡ଼ା ହୁଏ ଯାତ୍ରାର ପାଥେୟ ।

●

# ଭାଗ୍ୟବାନ ଚକ୍ଷୁ ମୋର

କନକ ବରଣ ଧରା କରିବାକୁ ବାରେ ନେତ୍ରପାତ
ବିଶ୍ୱପିତା ବରଦାନ ଏ ବେନି ନୟନ ମୋର ।
ସବୁଜ ଘାସ ଗାଲିଚା ଛାଏଁ ଯେବେ ରବିକର ଧରେ
ଚକ୍ଷୁମୋର ନିରେଖଇ ସେ ଶୋଭା ରଙ୍ଗକୁ କ୍ଷଣେ ।
ସୂର୍ଯ୍ୟସ୍ନାତ ଆକାଶରେ ଉନ୍ମୋଚିତ ତପନ କିରଣ
ନିରେଖଇ ଧରଣୀର ସ୍ୱର୍ଣ୍ଣାଭ ମଣ୍ଡଣି ।
ଦେଖେ ତହିଁ ଭାବନାର ଇନ୍ଦ୍ରଧନୁ ସତେ
ସୁଉଚ୍ଚ ଗଗନେ ଥିଲା ପ୍ରତିଭାତ ରଙ୍ଗର ରୋଶଣି ।
ଭାଗ୍ୟଫଳ ବହୁଜନ୍ମ ଅତୀତର ସ୍ମୃତି ବିମୋହିତ
ଦେଖେଯେବେ ଚକ୍ଷେତୋଳି ହୁଏ ମୁଁ ବିଭୋର ।
ସାଗର ପ୍ରକଟେ ଛବି ଆଶାର ଛାତିରେ
ଅବସର କରେ ମାଘ ଘନ ଆବରଣ ।
ପ୍ରତିବେଶୀ ବନ୍ଧୁ ସହୋଦର ସକଳ ମମତା
ସବୁ ପରଖଇ ମୋର ଅନ୍ତଃଚକ୍ଷୁ ଜ୍ଞାନଚକ୍ଷୁ ପରେ ।
ଗଭୀରତା ଭେଦି କି ପାରଇ ଚକ୍ଷୁ ?
ଯାହା ଅଛି ରହସ୍ୟ ଏ ଧରେ ।
ହେଲେ ମୋ ନୟନ ଅତି ଭାଗ୍ୟବାନ
ଦେଖିବାକୁ ବିସ୍ତାରିତ ସ୍ୱର୍ଣ୍ଣାଭ ଧରଣେ ।

●



# ଭାସିଯାଏ ମୁଁ

କଳା ଏକ ପ୍ରଚ୍ଛଦରେ ଆଙ୍କିଦିଏ ଏକ କୃଷ୍ଣ ହ୍ରଦ
ଦୃଶ୍ୟମାନ ମଧୁମକ୍ଷୀ ଏକ ଜଳଊର୍ଦ୍ଧ୍ୱ ଭାଗେ
ପୁଣି ଦେଖେ ଏକ ବୃକ୍ଷ ଶାଖା ପ୍ରତିଭାତ ମକ୍ଷୀ ପାଶେ
ଆଙ୍କେପୁଣି ପୂର୍ଣ୍ଣଚନ୍ଦ୍ର ମୋ କଳ୍ପନା ଆକାଶ ଛାତିରେ ।
ନୀଳିମା ମଣ୍ଡିତ ଏହି ବିସ୍ତୀର୍ଣ୍ଣ ଆକାଶ
ଚନ୍ଦ୍ରକରେ ଶୀତଳିତ ଜଳରାଶି ମୋ କଳ୍ପନା ହୃଦେ
ଭାବାନ୍ତରେ ଶୋହେ ଏକ ସୂର୍ଯ୍ୟ ସେ ଆକାଶେ
ନିଦାଘ ବୈଶାଖେ ପୁଣି ଜଳି ଭସ୍ମ ହୁଏ ଚିତ୍ରପଟ୍ଟ
ତୂଳୀ ମୋର ହୁଏ ଶୁଷ୍କ ହସ୍ତ ମୋର ହୁଏ ଶୀତଳିତ
ପ୍ରତିଭାତ ହୁଏ ଏକ ଶବାଧାରେ ଶୋକାର୍ତ୍ତ ଶବଦ
ହଜିଯାଏ ରାତିର ସ୍ପନ୍ଦନ ତା' ସହିତ ହଜିଯାଏ ରାତ୍ରଯାକ ସ୍ୱପ୍ନ
ବାଷ୍ପୀଭୂତ ହୁଏ ସବୁ ମିଶିଯାଏ ଘନ କୁହୁଡ଼ିରେ ।

●

# ଆଶିଷ

ଜୀବନର ଅନ୍ତରଙ୍ଗ ସାଥୀ ମୋ ସୌଭାଗ୍ୟ
କେବେ କେହି ପାରିବନି ଭିନ୍ନକରି ପ୍ରେମଠାରୁ ମୋତେ ।
କେହି ପାରିବ ନାହିଁ ପ୍ରବେଶି ତହିଁରେ
ଯହି ଚାହୁଁ ତହିଁ ଉଡ଼ିବୁ, ବୁଲିବୁ ।
ସାଗରର ଗଭୀରତା ଭେଦି
ସୌରକରେ ଛୁଇଁ ଗିରିବର ।
ନିଶୀଥର ନିଥର ମୁହୂର୍ତ୍ତେ
ତାରାଭରା ଆକାଶରେ ଭାସିବୁ ଆନନ୍ଦେ ।
ଆମେ ସବୁ ମରୁ ମରୀଚିକା କାନ୍ତାରର ଯାତ୍ରୀ
ଏ ଦୁନିଆ କହିପାରେ ଆମେଯେ ପାଗଳ ।
ଅଣାକାର, ଅପାଙ୍‌କ୍ତେୟ ନାହିଁ ତୀର ଅବା ବେଳାବୀଚି
ନାହିଁ ବେଳାଭୂମି, ଅତଳ ପରିଧି ଅନନ୍ତ ବାରିଧି ।

●



# ପ୍ରେମ ପଦାବଳୀ

ଯେତେବେଳେ ଜ୍ଞାତ ହେଲି ତୋତେରେ ପ୍ରଣୟ
ହିମାଳୟ ଶାନ୍ତକାନ୍ତ କୋଳେ
ଦାବାନଳ ଜଳିଉଠେ ସତେ ମୋର ହୃଦୟ କନ୍ଦରେ
ଯେତେବେଳେ ନେତ୍ରପାତ ହେଲା ତୋ'ପରେ ।
ପୂର୍ଣ୍ଣେନ୍ଦୁ ହୋଇଲା ଉଦେ ଅନ୍ତଃଚକ୍ଷୁ ମଧ୍ୟେ
ଅଚଳ ପାଦପ ସତ୍ତ୍ୱେ ଉଭାହେଲା ମୋର ସମ୍ମୁଖେ
ପୁଣିଯେବେ ହୋଇଲା ମିଳନ
ସତେଅବା ସୁରଭିରେ ଭରିଗଲା ପ୍ରାଣମନ ଯାହା ନୋହେ କଳି ।
ବେନିର ବିଚ୍ଛେଦ ତରଳିଲା ତା' ପ୍ରକାଶେ
ଜାଳିଲା ମୋ ଅଙ୍ଗ ଶିରା ପ୍ରଶିରାକୁ
ସେହି ଯେ ଚନ୍ଦ୍ରମା ରଜତ କିରଣ
ଭୋକିଲା ମୋ ପ୍ରେମ ନଗରୀରେ ।
ଭୁଲିଗଲି ଆପଣାର ଅସ୍ତିତ୍ୱକୁ
ସେହି ପ୍ରେମ ଜାଳେ ।

●

## ଉଠ ଆହେ ବୀର

ଶରୀରର ଜୀର୍ଣ୍ଣ ଆବରଣ ଲୁପ୍ତ ରଖେ, ମନ ଖୋଜେ
ଘୂରି ବୁଲେ ବୀର, ଜାଗି ଉଠେ, ଖୋଜେ
ଭରାଦର୍ପେ, ଆକାଶ ଉହାଡ଼େ ଆଲୋକ ସମ୍ଭାରେ
ସତେକି ସେ ଖୋଜେ ଭୁଲି, ଭାଲ ହସ୍ତ ।
ଦେଖାଏ ବୀରତ୍ୱ,
ମହାଦେବୀ ନିଶାର୍ଦ୍ଧରେ ଜାଗିଉଠେ,
କେହିକେବେ ପାରି ନାହିଁ ତା’ ସହିତ ଯୁଝି,
ଯୋଦ୍ଧାବୁନ୍ଦୁ ଜାଗିଉଠେ ଶକତିର ଦୁର୍ବାର ଆହ୍ୱାନ ।
ଯେତେବେଳେ କୃଷ୍ଣପ୍ରିୟା ରୁକ୍ମିଣୀର କ୍ରନ୍ଦନ ଶୁଭଇ
ଦ୍ୱାରକାର ରକ୍ଷା ପାଇଁ ଯାଅ ଅବିଳମ୍ବେ
ରକ୍ଷାକର ଦ୍ୱାରକାର ମାନ
ସମୟର ଚକ୍ର ବହୁକ୍ଷିପ୍ରେ କରଇ ଘୂର୍ଣ୍ଣନ ।
କୃଷ୍ଣକରେ ସୁଦର୍ଶନ ଘୂରଇ ଅଧୀରେ
ନାହିଁ ହସ୍ତେ ମୋହନ ମୁରଲୀ,
ଯାଅ ବୀର କର ସହଯୋଗ
ଏହି ଧର୍ମ ରଣେ ।

●



## ଆଜି

ଆଜି ଆଉ କାଲି ବର୍ତ୍ତମାନ ଓ ଅତୀତର ଖେଳ
ଏଠାରେ ସେଠାରେ ବର୍ତ୍ତମାନ ଆଉ ଗତକାଲି
ଏ ସମସ୍ତ ରିକ୍ତ ଭଗ୍ନାବଶେଷ ମଧ୍ୟ ଏକ ଉଚ୍ଚତମ ସ୍ତମ୍ଭ
ସତେ ହୁଏ ପ୍ରତେ ।
ଯେଉଁ ନଗରୀର ଗଳିରେ ନିର୍ଭୟେ ବୁଲୁଥିଲୁ ଦୁହେଁ
ଥିଲି ଏକା ହେଲେ ମୋ ସାଥିରେ ଛାଇହୋଇ
ବୁଲୁଥିଲା ମୋ ପାଶେ ଅତୀତ ।
ସତେ ଭୂତ ହୋଇ ରହିଥିଲା ସେ ପ୍ରେତର ଛାୟା
ସେହି କି ଅତୀତ ?
ଆମ୍ଭେ ସିନା ଅମର ଅଜର ହେଲେ ମନେ ହେଉଥିଲା
ଅମରତ୍ୱ ଶରୀରର ମଝିରେ ତା’ ସ୍ଥିର
ସମବେଦନ ସିକତାର କାଳ ଆବରଣ
ଗତ ନିବିଡ଼ତା ଆତ୍ମୀୟତା ସବୁ
ତା’ ସହିତ ଆଜିର ଶଠତା
ସତେ କ’ଣ ମନେ ଅଛି ଏହି ଜୀବନର !

●

# ଆମ୍ଭେ ଦୁହେଁ ସାଥୀ

ଆମ୍ଭେ ଦୁହେଁ ସାଥୀ
ଗୋଧୂଳି ଆଗମେ ବିଜନେ ମୁଁ ଖୋଜେ
ନାହିଁ ଦିଆନିଆ ଭାବ, ନାହିଁ ତୋର ମୋର
ଉଦାର ଏ ସାରା ଦୁନିଆରେ ସବୁ ଦାନ ଆମ୍ଭ
ପ୍ରାପ୍ୟ ଦୁହିଁଙ୍କର
ଆଗୁସାର ସରଳ ଓ ସଂକୀର୍ଣ୍ଣ ପଥରେ
ନାହିଁ ଠେଲାପେଲା ନାହିଁ ଟଣାଟୁଣି
ପ୍ରଭାତର ସୁନେଲି କିରଣେ
ଆବିଷ୍କାର କଲି ଏକ ଭଗବତ୍ ସତ୍ତା
ନାହିଁ ଜାତି ସମ୍ପ୍ରଦାୟ ଭେଦ
ଆମେଟି ସକଳେ ମାନବ
ଆମେ ନିରେଖୁଛୁ ଅଖିଳର ଜ୍ୟୋତିଧାରା
ଲୋଡୁନା ନିଷ୍କଭ୍ରବତି ବା ଲଣ୍ଠନ
ଏହି ଦିବ୍ୟ ପ୍ରଭାତର ଆଲୋକ ମଧ୍ୟରେ
ଆମ୍ଭେ ଦୁହେଁ କରିବା ଶାଶ୍ୱତ ସନ୍ଧାନ ।

●



# ଆଶା

ଆମ୍ଭ ଆଶାର କିରଣ ଏକ ଏକ କୋଦାଳ ସମାନ
ବାର ବାର ହସ୍ତେ ଧରି କରିବାକୁ ତିମିର ଖୋଦନ
କୋଦାଳର ମାନ ଜଣାପଡ଼େ ଗଠନରୁ ତା'ର
ପ୍ରତ୍ୟେକ ପ୍ରହାରେ ଅନ୍ଧକାର ଶାଖା ଏକ ହୁଅଇ ନିଶ୍ଚିହ୍ନ ।
ବାରେ ଯେବେ ଆଲୋକର ରେଖା ସ୍ପର୍ଶ କରେ
ରହେ ନାହିଁ ତିଳେ ତା'ର ଚିହ୍ନ କି ସନ୍ତକ
ଏକ ଏକ ଆଶା ଶିଖା ବିସ୍ତାରିତ ଆଜି
ପ୍ରବାଳର ପ୍ରଭାସରେ ବିଚ୍ଛୁରିତ ପ୍ରଜ୍ୱଳିତ ଶିଖା
ଆଲୋକର ଶିଖା ଆପଣା ଶକ୍ତିରେ
ତଡ଼ିଦିଏ ଅନ୍ଧାରର ସତ୍ତା ।
ଯମଜ ଶାଣିତ ତୀର ଆଶା ଅଭୀପ୍ସାର
କେବଳ ଯେ ଜାଣେ ଖାଲି ସଫଳତା ଏକଇ ଲକ୍ଷ୍ୟର
ଅଟଳ ସେ ଲକ୍ଷ୍ୟ ଏକନିଷ୍ଠ ନୈତିକତା
ଯମଜ ନୁହେଁ କେବଳ ସଫଳତା ଦ୍ୱାରା
ସଂଙ୍କୁଚିତ ମନ ଖାଲି ସ୍ୱାର୍ଥପରତାର
ସେ ଆଲୋକ ଶିଖାରେ ଝରିପଡ଼େ ସଫଳତା ନେଇ
ଯୋଦ୍ଧା ତା'ର ପ୍ରଗତିର ପଥେ ନାହିଁ ଲୋଡ଼ା ଭଲ ଆଉ ମନ୍ଦ
କେବେ ସେ କରେନା ଦୁଃଖ ଜନତାର ନିନ୍ଦା ପ୍ରଶଂସାରେ

ହୃଦୟରେ ରାମଙ୍କର ଭାବ କ୍ଷମା ଓ କ୍ଷମାର ସମ୍ଭାର
ପ୍ରଗତିର ଏ ଯମଜ ଢାଲ ସଂକୀର୍ଣ୍ଣ ମନ
ସ୍ୱାର୍ଥାନ୍ୱେଷୀ  କପଟାଚାର ହଜିଯାଏ
ଧୀରେ ଧୀରେ ରାତି ଅବସାନେ ।

●



# ଶୀତଳତା

ଶୀତଳତା ହୃଦୟର ସତେ ଏକ ଶୀତଳତା ଅତୀବ ନିଆରା
ଅଣନିଃଶ୍ୱାସୀ ସୁରଭିର ସଂକୀର୍ଣ୍ଣ ସେ ପଥ ଜାଣୁ ଜାଣୁ ।
ତରୁ ହୁଏ ଶୁଷ୍କ, ଶେଷେ ମୃତ୍ୟୁ କରଇ ବରଣ
କୋକିଳ ନିରବିଯାଏ ଶୁଷ୍କ ଏକ ଚ୍ୟୁତ ଡାଳେ ବସି,
ଆନମନା, ଆନ୍ଦୋଳନ, ପଶ୍ଚାତ୍ତାପ ଗ୍ଲାନି
ଅଣନିଃଶ୍ୱାସୀ, ସୁଗଭୀର, ସୁଶୀତଳ ସଂକୀର୍ଣ୍ଣ ସେ ପଥ
ପ୍ରେମହୀନ, ଆଶାହୀନ, ନିଶାହୀନ, ବିଷଣ୍ଣତା ପୂର୍ଣ୍ଣ
ପ୍ରତି ଲୁହଧାର କରିବ ବର୍ଣ୍ଣନା, ମୃଦୁ୍ୟହାସ୍ୟ ଶାଣିତ ଖଡ଼ଗେ
ପ୍ରତିକ୍ଷଣ, ରୋଧିଣ ନିଃଶ୍ୱାସ
ଲୋଳ ତା' ଖାଲି ପ୍ରେମ ଶୀତଳତା ।

●

# କାଳ ବିପର୍ଯ୍ୟୟ

ଦିନେ ଯେଉଁ ନଦୀ ଥିଲା ଦୟାବତୀ
ସତେକି ଅବଳାର ପହିଲି ଉନ୍ମାଦ
ଯୁବତୀ ସୁଲଭ,
ଆଜି କିଆଁ ଦିଶେ ଦର୍ପିତା ସିଂହିଣୀ
ଦନ୍ତ ଦେଖାଇ ବ୍ୟାଦାନ କରଇ ବଦନ
ଦୁର୍ବିନୀତ ନିମିଷକେ ରୁକ୍ଷ ହାହାକାର
କୋପିତ ବଦନା ମଧୁ ବର୍ଷେ କ୍ରୋଧାନଳ
ପୋଛିନିଏ ପଥ, ଯାଉ ଯାଉ
ଏ ନଦୀ ଦିନେ ଯେ ପ୍ରାଶାନ୍ତ ସରଳ ଜୀବନ ପ୍ରଦାୟୀ
ହୁଏକି ପ୍ରତ୍ୟୟ ଦେଖି ତା'ର ଏହି ଉଗ୍ର ରୂପ ?
ସକଳ ଜନବସତି ଧୋଇନିଏ ତା'ର କରାଳ ସ୍ରୋତେ
ଭାସମାନ ମୃତପିଣ୍ଡ ତା'ର ଖରଧାରେ
ଜୀବନର ଅନ୍ତିମ ଚିତ୍କାରେ ।

●



# ଯୋଦ୍ଧା ଜାଗି ଉଠ

ଢିଲା ପୋଷାକରେ ଶୋଇଥାଏ ଦେହ
ହେଲେ ମନ ଉଡୁଥାଏ କାହିଁ
ସେତିକିବେଳେ ଯୋଦ୍ଧା ଜାଗି ଉଠେ
ଆକାଶ ଯେବେ ଅଗ୍ନି ଶିଖା ପରି ଝଲସୁଥାଏ
ଠିକ୍ ଯୋଦ୍ଧା ହସ୍ତରେ ଭାଲ ଶୋଭା ପାଉଥାଏ
ଢାଲ ହସ୍ତେ ଦୃଶ୍ୟମାନ ଆଇନାରେ ବହ୍ନିମାନ ସେହୁ
କାମଦେବୀ ରତି ନିଶେ କରନ୍ତି ଚିତ୍କାର
ଯେ ତା'ର ଯତ୍ନ ନିଏ ହାରିଯାଏ ପରୀକ୍ଷାରେ
କିନ୍ତୁ ଯୋଦ୍ଧା ଜାଗି ଉଠେ ଲଭି ତା' ଆହ୍ୱାନ
ସାହସୀ ହିଁ ଜାଣେ ସବୁଠୁ ଅଧିକ
ଯେତେବେଳେ ରୁକ୍ମିଣୀଙ୍କ କ୍ରନ୍ଦନ ଶୁଭଇ
କ୍ଷୀପ୍ରବେଗେ ଧାଇଁ ଧାଇଁ ଦ୍ୱାରକା, ରକ୍ଷଣେ
ଯୋଗ୍ୟ ଯୋଦ୍ଧା ଯୋଗଦିଏ ତୁମୁଳ ସଂଗ୍ରାମେ
ଚକ୍ରଧାରୀ ଚକ୍ର ହସ୍ତେ ଉଭା
ତେଜିଛନ୍ତି ଆଜି ସେ ବଇଁଶୀ
ଠିକ୍ ସେହି ସମୟରେ ଯୋଦ୍ଧା ଯୁଝୁଥାଏ ରଣ
ରତ ଥାଏ ମାନବତାର ରକ୍ଷା ପାଇଁ ତା'ର ସଂଗ୍ରାମରେ
କଳଙ୍କର ଟିକା ପୋଛିବାକୁ
ସଂସାରକୁ ମୁକ୍ତ କରିବାକୁ ।

●

# ଉଠ ନିଜର ଭାଗ୍ୟକୁ ରୂପ ଦିଅ

ଆଜି ମା' ବସୁଧାକୁ ସମସ୍ତେ ଲୋଡ଼ନ୍ତି
ସମସ୍ତ ମାନବ ଜାତି ମିଳି ଏକ ହୋଇ
ଏହାକୁ ଉତ୍ସବ ପାଳନର ଅବକାଶ ମାନନ୍ତି
ଆସ ବନ୍ଧୁ ! ଜୟଗାନେ ପ୍ରୋତ୍ସାହିତ କରିବା ତାଙ୍କୁ କରିବାକୁ
ସକଳ ଶତ୍ରୁଙ୍କର ବିନାଶ
ଘୁନେଲି ପ୍ରତ୍ୟୁଷରେ ଉଠି ଏକତ୍ର ବଚିଂବାର ସ୍ୱପ୍ନ
ମାଟି ମା' ଆହ୍ୱାନ କରନ୍ତି ଠିକ୍ ଏକ ଯୋଗୀର ମୁଦ୍ରାରେ
ଏବଂ ସାତ୍ତ୍ୱିକ ଅନ୍ତରରେ ଆଜି ସମାଜର ରୂପ ବଦଳିଛି
ଆମେ ଅନ୍ତର ଫେଡ଼ି ଦେଖିଲେ ସେହି ଗନ୍ଧ ହିଁ ପାଇବା
ମାଟି ମା' ତୁମର ହୃଦୟ ଖୋଲିବ, ତୁମ କପାଳରେ
ଆଶିଷର ସ୍ପର୍ଶ ଦେବ, ଖାଲି ଗୋଟିଏ ଖର୍ବ ଦୋଳାରେ ବସି
ଆଳସ୍ୟରେ ଦୋଳ ନାହିଁ, ଆମ ସହ ଆସ ଏ ନୂତନ ପଥେ
ଭବିଷ୍ୟତ ସ୍ୱପ୍ନ ସବୁ ଧାଡ଼ିହୋଇ ଝଟକୁ ଅଛନ୍ତି
ଜନ୍ମମାଟି ମାଆ ଆଗେଇ ଯିବାକୁ ରାହା ଦେଉଛନ୍ତି
ଏହା ଦୁର୍ବଳର ପଥ ନୁହେଁ, ନୁହେଁ ପଥ ଅସ୍ଥିର ହୃଦୟର
ଅଟେ ଏହା ସର୍ବଦା ଆମ ବୀର ସନ୍ତାନଙ୍କ ଭୂମି
ଗଗନଚୁମ୍ବୀ ଜୟଗାନର ଚିତ୍କାର
ମାତୃଭୂମିର ଜୟଗାନେ ହେବ ସର୍ବତ୍ର ପ୍ରତିଧ୍ୱନିତ ।

●



# ଏକ ବା ଦୁଇ ବିନ୍ଦୁ ଅଶ୍ରୁ

ବୁନ୍ଦେ ଅବା ଦୁଇ ବୁନ୍ଦା ଅଶ୍ରୁ ବାନ୍ଧିଦିଏ ବନ୍ଧୁତାର ସେତୁ
ତେଜି ଦେଇ ଏକ କିମ୍ବା ଦୁଇ ବୁନ୍ଦା ଅଶ୍ରୁ
ଏକ ବେଦନାକ୍ତ ଚକ୍ଷୁର ଭିତରେ
ଜମାଟ ବାନ୍ଧୁଥିବା ଅଶ୍ରୁ ଯାହା ପଥର ଠାରୁ ଅଧିକ କଠୋର
ଛିଣ୍ଡି ଯାଇଥିବା ତାର ନିରବ ସେ ବେହେଲାର
ହିମ ବାୟୁ ହୁଅଇ ଉତ୍ତପ୍ତ
କେବଳ ବୁନ୍ଦେ ଅବା ଦୁଇ ବୁନ୍ଦା ଅଶ୍ରୁ ଆଖିରେ ଝଲସେ
ଭାଙ୍ଗି ଯାଇଥିବା କାଚଖଣ୍ଡମାନ କିଏ ବା ସାଉଁଟେ ?
ଏଥିପାଇଁ ସୂଚନା ନାହିଁ ଏଥିପାଇଁ ଦୁଃଖ ନାହିଁ
କେହି କେବେ ଜଳ ସ୍ରୋତେ ଚିତ୍ର ଆଙ୍କିପାରେ ?
କେବଳ ଏକ କିମ୍ବା ଦୁଇ ବୁନ୍ଦା ଅଶ୍ରୁ ଆଖିରେ ଝଲସେ
ପୁଷ୍ପରେ ରଞ୍ଜିତ ପଥ କଣ୍ଟାର ଶେଯ ବନିଯାଏ
ବିହଙ୍ଗ କୂଜନ ନିରବିଯାଏ ସେହି ନିର୍ଜନ କାନନେ
ଯେବେ ବୁନ୍ଦେ ଅବା ଦୁଇ ବୁନ୍ଦା ଅଶ୍ରୁ ନୟନେ ଝଲସେ ।

●

# ଏପରି ବ୍ୟକ୍ତି

ସେ ଏପରି ବ୍ୟକ୍ତି ଅପେକ୍ଷା କରେ ତା' ପାଳି ପାଇଁ
ହେଲେ ସେ ନିରବେ ଥାଏ ଯେତେବେଳେ
ଆଉ କାହାର ଶବ୍ଦ ଶୁଭୁଥାଏ
ସେହିପରି ଲୋକ ସବୁବେଳେ ହୁସିଆର ଥାଏ ।
ସତେ ଅବା ଚାଲେ କ୍ଷୁରଧାରେ
ଆମେ ସେମାନଙ୍କୁ କହିବାକୁ ଦେଉନା
ଯେତେବେଳେ କହିବାକୁ ଥାଏ
ସେମାନେ ନିରବ ଥାଆନ୍ତି ।
ଠିକ୍ ଉତ୍ତପ୍ତ ଲୌହପରି ଭିତରେ ଟକ୍‌ମକ୍ ଫୁଟୁଥାନ୍ତି
କେହି କେବେ ତୋଷାମଦରେ ଭୁଲେନା
ଠିକ୍ ସମୟରେ କହିଦିଏ କାରଣ
ଯେତେବେଳେ ଅନ୍ୟମାନଙ୍କ ଶବ୍ଦ ଶୁଭୁଥାଏ, ଅବା
ଯେତେବେଳେ କାହାର ନିନ୍ଦା ହେଉଥାଏ
ସେତେବେଳେ ନିରବ ରହିବାଟା ପାପ ।
ଯେ ସତ୍ୟ କହେ ସେ ସଦା କ୍ଷମଣୀୟ
ପାଦପର ଶାଖା ପବନରେ ହଲୁଥାଏ
ଚିରନ୍ତନ ପ୍ରକୃତିର କୋଳରେ ଖେଳୁଥାଏ ।

●



# ଉତ୍ସବ

ଗୁଡ଼ି ପରବର ଆସର ଭିଡ଼ରେ ଯାଇଛି ହଜି
ଚାହିଁଛି ଆକାଶେ ହାତରେ ଧରି ଗୁଡ଼ିର ଡୋର
ପାଦ ମୋ ରହିଛି ମାଟିରେ ଲାଖି ସାରା ଆକାଶରେ ଉଡୁଛି ଗୁଡ଼ି
ଭାବନାରେ ହଜି ଭାବରେ ବିହଙ୍ଗ ଦୃଷ୍ଟିରେ ଆଜି
ସାରା ଆକାଶଟା ରଙ୍ଗରେ ଭିଜା
ପ୍ରତେ ହୁଏ ଏକ ପାଦ ପ୍ରଶାଖା
ଆନ ଗୁଡ଼ି ସାଥେ ଆନନ୍ଦେ ନାଚେ
ବୃକ୍ଷର ଅଗ୍ରରେ ସଙ୍ଗୀତେ ହଜେ ।
ବୃକ୍ଷ ଶାଖା ତା'ରେ ନ ପାରେ ଛୁଇଁ
ଖେଳୁଥାଏ ଗୁଡ଼ି ଆକାଶେ ଡେଇଁ
ଏହି ଗୁଡ଼ି ମୋର ଶିକ୍ଷକ ସତେ
ଅବା ମୋର ପୂତ ଗାୟତ୍ରୀ ମନ୍ତ୍ର
ସମସ୍ତଙ୍କୁ ଦିଏ ଜ୍ଞାନ ମହତ
ଛିଣ୍ଡିଗଲେ ଥରେ ଯାଏ ସେ ହଜି
ପାଆନ୍ତିନି ତାଙ୍କୁ ସମସ୍ତେ ଖୋଜି
ହେଉ ଧନୀ ଅବା ପ୍ରଜ୍ଞା ଗରିବ
ନାହିଁ ବଡ଼ ସାନ ଭେଦ ବିଚାର ।

●

## କାର୍‌ଗିଲ୍

ମୋର ମନେପଡ଼େ କାରଗିଲ୍‌ର ସରଳତାକୁ
ବହୁ ପୂର୍ବେ ଦେଖିଥିଲି ବ୍ୟାଘ୍ର ଗିରିଶୃଙ୍ଗ ଏକ
ଉତ୍ତୁଙ୍ଗ ପର୍ବତ ଶିଖ ଶୁଭ୍ର ଗିରିରାଜ
ଭରିଥାଏ ଯହିଁ ନିରବତା, ନିର୍ଜନତା
ଆଜି କିନ୍ତୁ ପତ୍ୟେକଟି ଗିରିଶୃଙ୍ଗେ ବରଫର ହାଟ
ଗର୍ଜୁଅଛି ପ୍ରତିଧ୍ୱନି ତୋଳୁଅଛି
ଘନ ଘନ ଗୁଳି ଗୋଳା ବମ୍ ବିସ୍ଫୋରଣେ
ଠିକ୍ ଡହଡହ ଜଳୁଥିବା କୋଇଲା ପରି
ବରଫର ଚଟାଣରେ ପ୍ରତ୍ୟେକ ବୀର ସୈନିକ ଆମ
ବୁଣୁଛନ୍ତି ଶସ୍ୟ ବୀଜ ସତେ ବା କୃଷକ
ଯେଉଁ କ୍ଷେତ୍ର ସୂଚିତ ମାନବ ଲହୁରେ
ମୁଁ ଦେଖେ ସୈନିକ ଆଖିରେ ସତ ସତ ସ୍ୱପ୍ନ
ସତେ ଅବା ଭୂଲତାରେ ଦୋଳୁଛନ୍ତି ବନ୍ଧା ହୋଇ ମୃତ୍ୟୁର ଦେବତା
ମୁଁ ଅନୁଭବେ ମୃତ୍ୟୁ ଦେବ ଯମରାଜ ଉପସ୍ଥିତ ତହିଁ
ବୀର ସୈନିକର ବୀରତ୍ୱ ମହିମା ମାତୃଭୂମି ପ୍ରେମ
ବରଫକୁ ତରଳାଇ ବହିଯାଏ ଝରଣାର ଝର
ମୁଁ ଶୁଣେ ବୀରତ୍ୱର ଜୟଗାନ ତହିଁ
ସୁଜଳାମ୍ ସୁଫଳାମ୍ ମଳୟଜ ଶୀତଳାମ୍ ଶସ୍ୟ ଶ୍ୟାମଳାମ୍
ମୁଁ ଠିକ୍ ଅନୁଭବେ ସଙ୍ଗୀତର ଭାବ
ଜୟ ଭାରତ ମାତା ମୁଁ ତୋ ପାଦ ତଳେ ମଥାନତ କରେ ।

●



## କ୍ରିୟା

ମୁଁ ଜଣେ ବାସ୍ତବ ମଣିଷ, କର୍ମର ମଣିଷ
ଯେତେବେଳେ ମୁଁ ଲେଖେ ରଚେ ଏକ ବାକ୍ୟମୟ ବୃତ୍ତ
ପୁଣି କରେ ତାକୁ ବର୍ଗକ୍ଷେତ୍ର ସମ
କାଚର ଶବଦମାନ ମାର୍ବଲ ପରି ମସୃଣ
ରଙ୍ଗମୟ ସବୁ ଶବ୍ଦରାଜି
ସେହି ଶବ୍ଦମାନ ସତ୍ୟର ଠିକ୍ ଅଙ୍କୁର
ସେ ସମସ୍ତ ସୃଷ୍ଟି କରେ ଶେଷେ ଏକ ବାକ୍ୟ
ଠିକ୍ ତାହାରି ପାଶେ ରହିଥାଏ ବିଶେଷଣ
ଠିକ୍ ଲକ୍ଷ୍ମଣ ରେଖାପରି
ଠିକ୍ ସୂଚାଏ ସେ ରାମଙ୍କ ମୂରତି
ବିଶେଷ୍ୟମାନଙ୍କ ସାଥେ ଲଗାତର ଖେଳୁଥାଏ ଖେଳ ଟିକ୍‌ଟାକ୍ ଟୋ
କ୍ରିୟାକୁ ମୁଁ କେନ୍ଦ୍ରରେ ଥାପଇ ତା'ପରେ ଆଙ୍କଇ ଦିଗନ୍ତ ବୃତ୍ତକୁ ।

●

# ଗର୍ବର ସହ ସତ୍ୟର ସନ୍ଧାନ

କାକ ଦ୍ୱାରା କ୍ଷତ ହୁଅନ୍ତି ସେମାନେ
ଯେଉଁମାନେ ମିଥ୍ୟାବାଦୀ
ସତେ କ'ଣ ଏମାନେ ଦୁର୍ଦ୍ଦଶାରୁ ମୁକୁଳିବାକୁ ସତ୍ୟ କହିଥାନ୍ତି ?
ସତ୍ୟ ଆମର ସ୍ୱାଭିମାନ ଆମେ ପୋଷାକ ପରିଧାନ କରିଥାନ୍ତି ।
ଆମେ ସତ୍ୟକୁ ପରିଧାନ କରିଥାନ୍ତି ଗର୍ବର ସହ
କିନ୍ତୁ ତାକୁ ଆମେ ଜୁଆଳି ପରି ଆମେ ବେକରେ ବୋହିନଥାନ୍ତି
ତୁମେ ଯଦି ସତ୍ୟ ନ କୁହ ସମାଜ ତୁମକୁ ବିଦ୍ରୂପ କରିବ
ଗୋଟିଏ କ୍ଷୁଧିତ ବିହଙ୍ଗ ତା'ର ଥଂଟରେ ତୁମକୁ ବିଦୀର୍ଣ୍ଣ କରିବ ।
ଖଳଦ୍ୱାରା ପ୍ରଚାରିତ ସମ୍ବାଦ ସକାଳକୁ ଖେଳିଯାଏ
କାଳସୂର୍ଯ୍ୟ ପରି ସତ୍ୟଠାରୁ ପୁଣି ସତ୍ୟ ପାଇଁ ସଂଗ୍ରାମ
ଆମେ ଆମ ଯାତ୍ରାରେ ମିଳନ୍ତି ଏକ ସ୍ଥିରୀକୃତ ପଥରେ ଚାଲନ୍ତି
ଅନୁଗାମୀମାନେ ଆମ ପଛରେ ଅନୁଗମନ କରିଥାନ୍ତି ।



# ସଙ୍ଗୀତ ଏକ ନୂତନ ଦିଗର

କେତେ ଉର୍ଦ୍ଧ୍ୱେ ଧୂଳି ଉଡ଼େ ଗୋଧୂଳି ବେଳାରେ
ହୁଏ ଶ୍ୱାସରୁଦ୍ଧ ଅସ୍ତଗାମୀ ସୂର୍ଯ୍ୟ
ବହୁଦୂର ଖରଶ୍ୱାସ ଭେଦିଯାଏ ସୂର୍ଯ୍ୟଂକର ଶୀତ ସକାଳରେ
ମଧ୍ୟାହ୍ନ କିରଣ କେତେ ମୋତେ ତରଳାଏ କଳା ପିଚୁପଥ
ଶୁଷ୍କ କ୍ଷେତ୍ରେ ମୋର ସୃଜ ନାହିଁ ଫାଟ
କ୍ଷାନ୍ତ ହୁଅ ରକ୍ତ ଶୋଷି ବୋଳିଦିଅ କା'ର ନରମ ପାଦରେ
ମୋତେ ପାଇବାକୁ ଦିଅ ତାମ୍ରପାତ୍ରେ
ପ୍ରତିଫଳିତ ଶୀତଳ ରଶ୍ମିକୁ
ଜଳଘାଟୁ ନୀର ଧରି ନାରୀ ଆସୁଥାଇ ଯେବେ
ଗାଏ ମୁଁ ସଙ୍ଗୀତ, ଝରିପଡ଼େ ସ୍ୱେଦ ବିନ୍ଦୁ ଭିଜାଏ ଧୂଳିକୁ
ନାରୀ ଶ୍ରମିକଟି ରୁଦ୍ର ତାପେ ଥାଏ କର୍ମରତ
ମୋତେ ଗୀତ ଗାଇବାକୁ ଦିଅ
ତା'ର ସୁପ୍ତ ଶିଶୁ ପାଶେ କରିବାକୁ ପ୍ରଶମିତ
ଉଡୁଥିବା ଧୂଳି ତାର ପାଶେ
ଆଙ୍କିବାକୁ ଚାହେଁ ମୁହିଁ ପ୍ରତିଛବି ଏସବୁ ଦୃଶ୍ୟର
ଆଙ୍କିବାକୁ ଚାହେଁ ମୁହିଁ ଛବି ଏକ ନୂତନ ଦିଗର
ଦେବାକୁ ପ୍ରେରଣା କ୍ଷିପ୍ର ଉନ୍ନତିର
ସେହି କ୍ଷୁଦ୍ର ଧୂଳିକଣାମାନ
ଯେଉଁମାନେ ଚାଲୁଛନ୍ତି ପଦ ତାଙ୍କ ଲହୁଣୀ ନରମ
ସେମାନଙ୍କ ରକ୍ତେ ଭିଜୁ ଲାଲେଲାଲ ହେଉ ଏହି ଧରା

ଗାଇବାକୁ ଚାହେଁ ଗୀତ ମଧ୍ୟାହ୍ନର ଉତ୍ତପ୍ତ ରବିର
ତୁମେ ଖାଲି ଅପେକ୍ଷା କର ତୁମେ ଦେଖିବ
ଉତ୍ତପ୍ତ ଶୋଣିତ ଅସୁମାରି ଶିଶୁଙ୍କର ସିକ୍ତକରି ଧରଣୀକୁ
ଧାର ହୋଇ ବହିଯାଏ
ସେଥିପାଇଁ କ୍ଷାନ୍ତ ହୁଅ ନିର୍ଦ୍ଦୟରେ ବଧିବାକୁ କା'ରେ
ମୁଁ ଚାହେଁ ଗାଇବାକୁ ଗୀତ ଏକ ନୂତନ ଦିଗର
ଯେଉଁଠାରେ ଖାଲି ଉନ୍ନତି ବାସ୍ତବିକତାର ।

●



# ଗରବା-ନୃତ୍ୟ

ଗୁଜୁରାଟୀ ନୃତ୍ୟଗୀତ ତାନ ଯଦି ଜାଣୁନୁ ଏବେ ଭାବେ
ସ୍ୱରାଷ୍ଟ୍ରେ ସମ୍ପତ୍ତି ଜାଣିକି ପାରୁନୁ
ଆମ ସଂସ୍କୃତି ସମ୍ଭାର ଆମ ଶକ୍ତି ସାର
ଚହଲାଇ ଦେବ ଭାବେ ମୋହି ଦେବ
ଶଶୀ ସୂର୍ଯ୍ୟ ଆଉ ଋତୁ ସକଳେ ଏକତ୍ର
ଏ ଗରବା ନୃତ୍ୟ ।
ସାରା ଦିବସରେ ଏ ଗରବା ନାଚ, ସାରାରାତି
ସତେ ଅବା ରାସ ଆମରି ସଂସ୍କୃତି-ପ୍ରକୃତି
ଏ ଗରବା ନୃତ୍ୟ ।
ବାଂଶୁରିର ସ୍ୱନ ମୟୂର ଚନ୍ଦ୍ରିକା ମୁଖର ଚୁମ୍ବନ
ଆମ ଶରୀର ଗରବା ଆତ୍ମାଟି ଗରବା
ଏକ ଜାତିର ସନ୍ତକ ଏ ଗରବା ନାଚ
ତ୍ୟାଗ ଓ କର୍ତ୍ତବ୍ୟ ସନ୍ତକ ଗରବା
ନର୍ତ୍ତକୀର ଶେଯ ସେ ବାସକ ସଜ୍ଜା
ଗରବାଟି ସତ ଗରବା ସକଳ
ଗରବା ସତେକ ସିନ୍ଦୂରର ଟିକା
ଶରୀର ସୀମନ୍ତେ, ମାତୃଦେବୀ
ସୁନେତ୍ର ପ୍ରକଟେ ।

●

## ସଙ୍ଗୀତରେ

ସଙ୍ଗୀତରେ ବିହଙ୍ଗର ପର ଲୁଚିଥାଏ
କୋକିଳ ସ୍ୱର ଶୁଭୁଥାଏ
ଧରଣୀର ଆତ୍ମା ଗୋଟିଏ ଡେଣାରେ
ଅନ୍ୟଟିରେ ଆକାଶର ଜ୍ୟୋତି
କାଗଜ ଉପରେ ଆଙ୍କିପାରେ ଚିତ୍ର
ସୂର୍ଯ୍ୟଙ୍କର ଅବା ପୂର୍ଣ୍ଣଚନ୍ଦ୍ର
ମୋ କାଗଜରେ ଫୁଲଭରା ବୃକ୍ଷ
ସେ ବୃକ୍ଷରେ ଭରା କିଶଳୟ
ଆତ୍ମୀୟତାର ସ୍ମୃତି ପାଇଁ
ରଖେ ମୁଁ ଗିରିକୁ ଭିଜାଇ ଦିଏ ଯେପରି
ବସନ୍ତ ଧରାକୁ
ଏକ ପ୍ରାନ୍ତେ ମରୁ ସେପଟେ ସମୁଦ୍ର
ଠିକ୍ ଆରପାରେ ନଦୀର ମିଶ୍ରଣ
କଣ୍ଠ ମୋର ଶୁଖିଯାଏ
ପିପାସା ମୋ ମେଂଟେନାହିଁ କେବେ
ଆକାଶକୁ କାଂଧେ ବୋହି
ବସିଥାଏ ମାତୃଭୂମି କୋଳେ ।

●



## ଗୋଲାପ ତୋଡ଼ା

ଦେଖ ସେଠି ସୁଗଭୀର ଗର୍ତ୍ତ
ଘୃଣା ଆବର୍ଜନାର ମାନବକୃତ ଏ ଗର୍ତ୍ତ
ମୁଁ ଚାହେଁ ବନିବାକୁ ସେତୁ ଏକ
ଅନ୍ତରରେ ପ୍ରେମ ଭାବ ନେଇ
ମଣିଷ ସଂଗୋଷ୍ଠୀ ସମୂହ ହିତରେ
ଏକ ନିଆରା ଅଦ୍ଭୁତ ମୁହୂର୍ତ୍ତ
ନର୍ଦ୍ଦମାରେ ଗଡ଼ିଗଡ଼ି ତା'ରି ଭିତରୁ ଫୁଟିଛି ଗୋଲାପ
ଜନ୍ମ ତା'ର କେବେ ହେବନି ବି ବ୍ୟର୍ଥ
ନର୍ଦ୍ଦମାର ସମସ୍ତ ବାଲୁଙ୍ଗାକୁ ପୋଛି
ଆବିଷ୍କାର କରୁ ଆମେ ଗୋଲାପର ତୋଡ଼ା ।

●

# ହିନ୍ଦୁ ଭାବେ ମୁଁ ଗର୍ବିତ

ମୁଁ ଗର୍ବିତ ମୁଁ ଜଣେ ମାନବ ଆଉ ମୁଁ ହିନ୍ଦୁ
ହିନ୍ଦୁର ସଫଳତା ମୋତେ ଦିଏ ଅଫୁରନ୍ତ ଆନନ୍ଦ
ଅନନ୍ତ ବାରିଧି, ବାହାର ଜୀବନର ଦୁଃଖ ବିନିମୟରେ
ଚାହେଁନା ମୁଁ ଶାନ୍ତି
ପ୍ରତିବେଶୀର, ସୁଖ ବୃଦ୍ଧି ମୋର ଆନନ୍ଦ
ସେହି ବନ୍ଧୁଙ୍କ ସାଥୀ ମୁଁ ଏକା ଲୋଡ଼େ
ଯା ହୃଦୟରେ ଭରିଅଛି- ଦେଶ ଭକ୍ତିର ଭାବନା
ଯେତେବେଳେ ନର୍ମଦା ବୋହୁଛି
ଶରୀରର ଲହୁ ସମ, ସେତେବେଳେ ମଣେ
କୁସୁମର ପାଖୁଡ଼ାରେ କରକାର ବିନ୍ଦୁସମ
ମୁଁ ଗର୍ବିତ ମୁଁ ଜଣେ ମାନବ, ମୁଁ ଜଣେ ହିନ୍ଦୁ
କ୍ଷୁଦ୍ରଯାଏ ଚକ୍ଷୁ ମଣେ ସତ
ହେଲେ ତା'ର ଦୃଷ୍ଟି ଶକ୍ତି ଅଟଇ ଅସୀମ
ଧର୍ମର ଦ୍ୱାହି ଦେଇ ସଂକୀର୍ଣ୍ଣତା ଆଣିନି ମୋ ମନେ
ମୋ ଶିକ୍ଷାର ଧାରା ଅସୁମାରି
ଅଗଣିତ ସୂର୍ଯ୍ୟ ତାରା ଘନ ଓ ନକ୍ଷତ୍ରମାଳା
ମୋ ମନ ଆକାଶେ ମୁଁ ଗୋଟିଏ ଜହ୍ନ
ମୁଁ ଗର୍ବିତ ମୁଁ ଜଣେ ମାନବ ଆଉ ମୁଁ ଜଣେ ହିନ୍ଦୁ ।

●



# ବୈରାଗ୍ୟ

ତ୍ୟାଗ କର ଗ୍ଲାନି ଆଉ ଶରୀରର ମୋହ
ତ୍ୟାଗକର ବସ୍ତୁବାଦୀ ଚିନ୍ତା, ମୁକ୍ତହୁଅ ମୋହ ବନ୍ଧନରୁ
ଭାଙ୍ଗିଦିଅ ସମାଜର ଦୁର୍ଗ ଆବଦ୍ଧ ପିଞ୍ଜରାର ଦ୍ୱାର
ତ୍ୟାଗକର ସ୍ୱପ୍ନ ବିଭୋରତା ବୃଥା ବିଳାସକୁ
ଭ୍ରମି ଭ୍ରମି ସାରା ନିଶା ଭ୍ରମି ସାରା ବିଶ୍ୱ
ନିରନ୍ଧ୍ର ଅନ୍ଧାରେ ବାର୍ତ୍ତାଳାପ ଚାଲ ତୁ ଏକାକୀ
ଭାଙ୍ଗିଦିଅ ସମାଜର ବାଧା ବନ୍ଧନକୁ
ଦେଖନାହିଁ ଆଉକା'ରେ ପ୍ରତିବେଶୀ ଗଣେ
ତ୍ୟାଗକର ସକଳ ସଂଗ୍ରାମ
ଢାଙ୍କିଦିଅ ଆପଣାକୁ କୋମଳ କମ୍ବଳେ
ସେ ବିଜନ ପଥେ ।

●

## ଭଗବାନଙ୍କ ଛତ୍ର ତଳେ

ସଫଳତାର ପଦେ ପଦେ ଅହଂକାର ବିଦ୍ୟମାନ
ବିଫଳତାର ସାଥେ ସାଥେ ଆମେ ଚାହୁଁ କାହା ଦୟା
ଏ ଦୁଇ ମଧ୍ୟରେ ଅଛି ମୁକ୍ତି ଯାହା ମୁଁ ଆଶା କରେ
ଭୀରୁତା ହିଁ ମୋର ଶତ୍ରୁ
ଦୈନ୍ୟ ମୋର ସାଥୀ ହୁଏ ନାହିଁ
ମୁଁ ଯଦି ବର୍ଷାରେ ଭିଜିଯାଏ
ସେତେବେଳେ ତୁମେ ଆସ ସୂର୍ଯ୍ୟ କର ନେଇ
ଋତୁ ଆସେ ଋତୁ ଚାଲିଯାଏ
ଯାଏ କିନ୍ତୁ ଫେରିବାର ପାଇଁ
କିନ୍ତୁ ମୋ ହୃଦୟ ଋତୁଚକ୍ର ମଧ୍ୟେ
ତୁମେ ଅଟ ଶାଶ୍ୱତ ବସନ୍ତ
ତୁମେ ମୋତେ ଏତେ ଯେ ଦେଇଛ
କି ଦେଇ ବା ପୂଜିବି ତୁମକୁ, କରିବି ସନ୍ତୋଷ ।

●



## ଆସିଛି ବସନ୍ତ

ଶେଷ ହିଁ ଆରମ୍ଭ ଆରମ୍ଭ ହିଁ ଶେଷ
ଶରତ ଋତୁର ହୃଦୟ ଗାଇଥାଏ ଆସୁଛି ବସନ୍ତ
ଷୋହଳ ବର୍ଷର ବୟସ କେଉଁଠି ନା କେଉଁଠି କୋଇଲିର ଗାନ
ପ୍ରଜ୍ୱଳିତ କମଳା କେଶୁଦା ପ୍ରେମର ବୃକ୍ଷ
ଲାଗୁଥାଏ ଏହା ଗରିବ ପରି ହେଲେ ଲୁକାୟିତ ଥାଏ ଧନ ଅସୁମାରି
ଶରତ ରୁତୁର ହୃଦୟ ଗାଇଥାଏ ଆସିଛି ବସନ୍ତ
ଆଜି ଚମକି ଉଠେ ଜଙ୍ଗଲ ସତେ ଯେମିତି ଏକ ବିବାହ ଉତ୍ସବ
ପ୍ରତିଟି ବୃକ୍ଷରାଜି ସଜେଇ ହୋଇଛି ପ୍ରଜ୍ୱଳିତ ଦ୍ୱୀପ ପରି
ଦେବାକୁ ଆଶୀର୍ବାଦ ଆସୁଛନ୍ତି ସାଧୁସନ୍ଥ
ଶରତ ଋତୁର ହୃଦୟ ଗାଇଉଠେ ଆସୁଛି ବସନ୍ତ ।

●

# ମିଥ୍ୟାର ଜୟଗାନ

ତୁମେ ଯେବେ କୁହ ଜଳକୁ ପଥର ବା ପଥରରେ ଜଳ
ତୁମେ କୁହ ବାଦଲ କିବା ଆକାଶର ଭାଙ୍ଗ ?
ତୁମେ ଯଦି କୁହ ଦିବସକୁ ରାତ୍ରି ଅବା ବସନ୍ତକୁ ହିମ
ଏବଂ ସାରା ସମୁଦ୍ରକୁ ମରୁଭୂମି ବୋଲି
ସେହିପରି କହିପାର ଜୀବନକୁ ମୃତ୍ୟୁ ବୋଲି
ଏହା କେବଳ ତୁମ ବାକ୍ୟର ଭ୍ରମ
ତମକୁ ସ୍ୱାଗତ କରାଯାଇପାରେ
ସତ୍ୟ ସାଙ୍ଗେ କରିବାକୁ ଚୁକ୍ତି
ନିରବରେ ନିୟତି ଚାହିଁଛି
ସତ ମିଛ ପରେଖି ଦେଖୁଛି ।

●



# ଛବି ଅନ୍ତରାଳେ

ମୋ ଦେହରେ ଦେଖ ଯାହା ଛବି
କିନ୍ତୁ ସେହି ପୋଷ୍ଟରରେ ମୁଁ ଅଛି–
ଅବା ନାହିଁ, ଏହା ଏକ ଅଜବ ବିଚାର
ଛବି ନୁହେଁ ଆତ୍ମା ସମ ଭିଜେ ନାହିଁ ଜଳରେ ସେ କେବେ
ଅବା ପୋଡ଼େ ନାହିଁ ଅଗ୍ନିରେ କଦାପି
ଯେବେ ଏହା ପୋଡ଼ଇ ଭିଜଇ ତାହା ସିନା ଛବିଟିଏ ମାତ୍ର
କରେ ନାହିଁ ପ୍ରଚେଷ୍ଟା ମୁଁ କେବେ
ଖୋଜିବାକୁ ଛବିରେ ଆତ୍ମାକୁ
ଧ୍ୟାନ ମୁଦ୍ରାରେ ଥାଏ ଯେବେ
ସବୁ ଭାସି ଉଠେ କଳ୍ପନାରେ ମୋର
ମୋର ପରିଚୟ ହିଁ ମୋର କର୍ମ
କର୍ମ ଯାହା ଜୀବନ ସଙ୍ଗୀତ
ଯାହାର ଅଛି ସ୍ୱର ଲୟ ଓ ଗୀତାର ମହକ
ମୋର କର୍ମ ମଣ୍ଡନ କରିଥାଏ ଛବିର ବନ୍ଧେଇରେ
ତୁମ ଆଖିରେ ପଡ଼ିବା ପାଇଁ
ବିନା କାରଣରେ ସିକ୍ତ ହୋଇ
ଏବଂ ତୁମେ ଅନୁଭବ କରିଥାଅ ମୋର ପବିତ୍ର ପ୍ରେମ
ଏହି ଛବିରେ ନୁହେଁ କିନ୍ତୁ ସୁଗନ୍ଧରେ

ତୁମେ ମୋତେ ପାଇଥାଅ, ମୋ ପରିଶ୍ରମର ଝାଳରେ
ମୁଁ ବିଶ୍ରାମ ନେଇଥାଏ ପରିଚ୍ଛେଦର ସ୍ତୂପ ଯୋଜନାରେ
ମୋର ସ୍ୱର ଏକ ଦୂର ବିଳାପ, ଏବେ ତୁମେ ଦେଖିପାରୁଛ
ତୁମର ନିଜର ପ୍ରତିଫଳନ, ମୋ ଆଖିରେ ।

●



# ବିଚାର

ଦିନଥିଲା ଯେବେ ମୁହିଁ ଉଠୁଥିଲି ବାଧ୍ୟ ହୋଇ
ଦେଖିବାକୁ ମାର୍ତ୍ତଣ୍ଡର ଜ୍ୱଳନ୍ତ ଅଗ୍ନିକୁ
ସତେ କିବା ଜାଳିଦେବ ଆକାଶ ମେଦିନୀ
ଖୋଜେ ମୁଁ ଏକାକୀ ଶୀତଳ ଜଳଧି ପରେ
ଭାସମାନ ତରୀ
କରିବାକୁ ତନୁକୁ ଶୀତଳ
ଗଢ଼େ ପୁଣି ଗୋଲକ ଅକ୍ଷରେ
ସୁଶୀତଳ ଛାୟାପ୍ରଦ ସ୍ଥଳୀ ଅବା ସାଗରର ମରୁପ୍ରାନ୍ତ ତୀରେ
ସେତେବେଳେ ମିଳେ ଏକ ନିଶ୍ଚିନ୍ତ ବିଚାର
ବିଚାର ଆଲୋକର
ବିଚାର ଶକ୍ତିର, ବିଚାର ସଙ୍ଗୀତର
ବିଚାର ବନ୍ଧୁ ସହୋଦର ।
ଠିକ୍ ଗୋଧୂଳି ବେଳାର ଧୂମ୍ରାଭ ଧୂଳିରେ
କିନ୍ତୁ ଆଜି ଦେଖ ଉଦିତ ସୂର୍ଯ୍ୟଙ୍କୁ
ଜ୍ଞାନର ବଳୟ ଛୁଇଁବାକୁ ମାନବର ଭାଗ୍ୟ
ନତ ନୁହେଁ ଶୀର କେବେ
ଅସହାୟତା କେବଳ ମୋ ରକ୍ତ କଣିକାରେ ।

●

# ଭକ୍ତି

ଆମେ ଦେଖୁ ଦେହ ସବୁ କରେ ତାର କର୍ମ
ଆମେ ଅନୁଭବୁ ମନର ଯୋଜନା
ହେଲେ ଭଗବତ ପଥ ଶାଶ୍ୱତ, ଅଦ୍ୱୈତ ଓ ସତ୍ୟ
ମୋର ପ୍ରିୟ ଭଗବାନ ସ୍ୱୟଂ ସୀତା ରାମ
ଶାଶ୍ୱତ ବୀଣାର ରାଗିଣୀ ସର୍ବଦା ଅସ୍ପଷ୍ଟ
ମୋର ହୃଦ ସ୍ପନ୍ଦିତ ହୁଏ ଗୋଟିଏ ଶବ୍ଦରେ
କେବଳ ତୁମରି ପବିତ୍ର ନାମରେ
ମନର ଯୋଜନା ଆବଶ୍ୟକତାରେ ହେଲେ
ଦେହ କରେ ନିଜ କାର୍ଯ୍ୟ ମୋର
ସମସ୍ତ ଭାବନା ଜନ୍ମ ମରଣର ସରହଦ ଡିଏଁ
ମୋ ଦୃଷ୍ଟିରେ ଦେଖେ ମୁଁ ପୃଥିବୀ ଧାଏଁ ନିରବଧି
ମୋର ଭାବନା ଅଯୋଧ୍ୟାରେ ଥାଏ
ମୋ କଣ୍ଠରେ ରଘୁପତି ରାଘବ ରାଜାରାମ
ମନରେ ଯୋଜନା କରେ, ଦେହ ତା'ର କର୍ମ କରୁଥାଏ ।

●



# ନଦୀର ନାମ ନର୍ମଦା

ଆମ ଅଳିଅଳ ନର୍ମଦା ନଦୀ
ନୁହେଁ ଖାଲି ଏକ ନଦୀଟିଏ
ସନ୍ତାନଗଣ ପ୍ରଣତି ଢାଳନ୍ତି
କାଳ କାଳରୁ ହିଁ ରୀତି ଇଏ ।
ଶାଶ୍ୱତ ତା'ର ଧାରା ସକଳ ହୃଦୟ ତା'ର
ଜୀବନର ରେଖା ଏ ସାରା ସୌରାଷ୍ଟ୍ର
ଭାଗ୍ୟରେଖା ଜନତାର
ସାରା ଗୁଜୁରାଟ ପାପୁଲି ଉପରେ
ମାନନ୍ତି ତାହାକୁ ଏକତାର
ସଭିଙ୍କୁ ସାଦରେ ଜଳଦାନ କରେ
ଶତ୍ରୁ ମିତ୍ର ତା'ର ନାହିଁ ଭେଦ
ଦୂଷିତ କରେ ଯେ ନୀରକୁ, ସହେ ସେ
ସନ୍ଥକବୀର ତା' ତୀର ଜଗେ
ନର୍ମଦା କେତେ ସୁପୁତ୍ରମାନଙ୍କୁ
ଦେଇଛି ତା' କୂଳେ ଅକଳନ
ଗାନ୍ଧି, ମୁନ୍‌ସୀ ମାତା ନର୍ମଦା
ଲୌହ ସର୍ଦ୍ଦାର ପଟେଲର
ଏ ମହା ଜାତିର ସୁପୁତ୍ର ଗଣଙ୍କୁ

ତାହାରି କୂଳରେ ଠୁଳକରେ
ନଦୀ ନୁହେଁ ତୁ ଲୋ ଜନନୀ ଆମର
ମହାଦେବୀ ଅଟୁ ତୁଇ ମାତ
ଢାଳିଦେଉ ବର ସନ୍ତାନେ ତୋର
ତୋ ପାଦେ ଜଣାଏ କୋଟି ନମସ୍କାର ।

●



# ସ୍ଥିର ପଥ

ସୂର୍ଯ୍ୟଦେବ ମୋର ପ୍ରିୟ ଦେବ
ଧରିଛନ୍ତି ହସ୍ତେ ଅଶ୍ୱରଜ୍ଜୁ ଶତ ଅଶ୍ୱଙ୍କର
ସାରା ଆକାଶରେ ବୁଲନ୍ତି ସେ ନିର୍ଦ୍ଦିଷ୍ଟ ପଥରେ
ପାର୍ଶ୍ୱେ ତାଙ୍କ ପଡ଼ିଥାଏ ଚାବୁକଟି ଅବ୍ୟବହୃତ ନିରବ ଭାବରେ
ହେଲେ ସୂର୍ଯ୍ୟଙ୍କର ଗତି ସବୁବେଳେ ଥାଏ ନିୟନ୍ତ୍ରିତ
ଦ୍ରୁତ ପଦକ୍ଷେପ ନିରାପଦ ଅଶ୍ୱମାନଙ୍କର
ରଥରେ କେବଳ ରହିଛି ମମତାର ଭାର ।

●

# ଆସନ୍ତାକାଲିର ଆହ୍ୱାନ

ଧରଣୀର ଭୀଷଣ ଗର୍ଜନ
ଆକାଶର ତୀବ୍ର ପେଁ’କାଳି ସ୍ୱନ
ଭୁଲିଯାଇ ପଥର ପ୍ରକୃତ ଚିହ୍ନଟ
ଆହ୍ୱାନ ସମୟ ର ଠିକ୍ ଅର୍ଜୁନଙ୍କର ।
ମାନବ ବିକ୍ରି ହୁଅନ୍ତି ପିଞ୍ଜରାରେ
ମାନବିକତା ପରିଣତ ହୁଏ ଦାନବତାରେ
ରଣ ତୁରୀର ତୀବ୍ର ନାଦ
ଗଳି ରାସ୍ତାରେ ଧାଇଁଛନ୍ତି ଶସ୍ତ୍ର ହସ୍ତେ
ଅହଂକାର ପ୍ରାଚୀର ଠିଆ ହୁଏ
ସମସ୍ତ ସ୍ୱପ୍ନମାନଙ୍କୁ ହତ୍ୟା କର ।
କେବଳ ଗୋଟିଏ ଆହ୍ୱାନ କେବଳ ଗୋଟିଏ ଡାକ
ମିଳନର ସମାନତାର ନମ୍ର ନିବେଦନ
ଏକତା କ୍ଷୁଣ୍ଣ ହୁଏ, ସମ୍ବିଧାନର ଦ୍ୱାର ରୁଦ୍ଧ ହୁଏ
ଖାଲି ଛାଡ଼ି ଯାଏ ପ୍ରତିହିଂସା ପୃଷ୍ଠଦେଶରେ
ଅଜସ୍ର ଲୋତକ ବୋହିଯାଏ
ସର୍ବତ୍ର ଅନ୍ଧକାର ଛାଇ ଯାଏ ।
କେବଳ ଗୋଟିଏ ଡାକ, ଗୋଟିଏ ଆହ୍ୱାନ
କ୍ଷୁଧାର୍ଥ ଶରୀର, ଭଗ୍ନ ମନ
ମଣିଷ ଉପରେ ମଣିଷର କ୍ରୋଧ, ବିଦ୍ରୂପ, ସଂଗୋଷ୍ଠୀ
ନାହିଁ ଭାବନା ନାହିଁ ଚିନ୍ତା, କେବଳ କାର୍ଯ୍ୟ

କେବଳ ଭାଙ୍ଗିବାକୁ ପ୍ରାଚୀର ଚକ୍ଷୁ ସବୁ
ଡହଡହ କୋଇଲାର ରୂପ
କେବଳ ଗୋଟିଏ ଆହ୍ୱାନ ଗୋଟିଏ ଡାକ
ସ୍ୱପ୍ନ ସବୁ ଭାଙ୍ଗିଯାଉଛି ବଂଚିବାର ମାନେ
ଦେଇଛନ୍ତ ଭୁଲିଛନ୍ତି ଅତୀତକୁ
ଆଜିର ହୃଦୟକୁ ଖୋଲିଛନ୍ତି
ଦିଗ୍‌ବଳୟକୁ ବିସ୍ତାରିତ କରିଛନ୍ତି
ଆମେ ଆଜି ବୁଡ଼ିଯାଉଥିବା ଲୋକଟିର
ଉଦ୍ଧାର ପାଇଁ ବଦ୍ଧ ପରିକର
ଜଣେ ଜଣକୁ ସାହାଯ୍ୟର ହାତ ବଢ଼ାଇବା
ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଆହ୍ୱାନ ଦେବା
କେବଳ ଗୋଟିଏ ଆହ୍ୱାନ ଗୋଟିଏ ଡାକ ।

●

# ପ୍ରଜାପତି

କୁସୁମ ଉପରେ ଶୋଭେ ପ୍ରଜାପତି ନିମିଷ ପାଇଁ
ଶୋଷିନେଇ ମଧୁ ଉଡ଼ିଯାଏ କ୍ଷଣେ ଜଣା ନ ଯାଇ
ବାସ ଜଳାଶୟେ ଭାସେ କି ଭଙ୍ଗୀରେ ଦେଖରେ ଚାହିଁ
ନରମ କିରଣ ସବୁ ପ୍ରତ୍ୟୁଷରେ ଝଟକୁ ଥାଏ
କାମ ସାରିଦେଇ ତରତର ହୋଇ ଉଡ଼ି ପଳାଏ
ପରଜାପତିର ଜୀବନ ବିଚିତ୍ର
ଜନମ ମରଣ ଜୀବନ ସ୍ମୃତି
ବନ୍ଧନ କେବେ ଭାଙ୍ଗେନି ସହଜେ
ମନ୍ଦ୍ର ସମୁଦ୍ରର ତରଙ୍ଗ ହଜେ ।

●



# ମଧୁମକ୍ଷିକା

ପ୍ରତ୍ୟେକ କର୍ମରେ ମୁଁ ଅନୁଭବେ ସତେ
ଏକ ମଧୁମକ୍ଷି ଏପରିକି ପ୍ରବଳ ଶୀତରେ ଅନୁଭୂତ ହୁଏ
ବୈଶାଖର ତାତି ମୋ ଅନ୍ତରେ
ମଧୁମକ୍ଷି ସମ ଉଡ଼ିବୁଲେ ଫୁଲରୁଫୁଲେ
ସବୁଠାରେ ବସେ ସିନା ନଥାଏ କେଉଁଠି
ଫୁଲ ଉପରେ ବସି ଚୁମିନିଏ ମଧୁ
ହଜିଯାଏ ତାହାର ସୁବାସେ
ମୁଁ କେବେକେବେ ମଧୁମକ୍ଷି ପରି ନିଜେ ଅନୁଭବେ
ଯେଉଁଠି ବଗିଚା ସେଇଠି ତ ସଙ୍ଗୀତ ମୂର୍ଚ୍ଛନା
ରଙ୍ଗବେରଙ୍ଗର ସାଜସଜା ମଂଚ, ମୁଁ କେବେ ଚାଲେ ନାହିଁ
ଧରାବନ୍ଧା ପଥେ, ମୋ ପଥ ନିଆରା
ତୁମେ ଫକୀରକୁ ଭିକାରିକୁ ଦେଖ କେତେ ସେ
ଉଦାସ, କେତେ ବେପରୁଆ
ବେଳେବେଳେ ନିଜକୁ ମଧୁମକ୍ଷି ପରି ଅନୁଭବେ
ସମସ୍ତ ସ୍ୱାଧୀନତା ମଧ୍ୟେ ଅନେକ ପ୍ରତିବନ୍ଧକ
ମୁଁ ସେଥିରେ ଗଢ଼ିଦିଏ ପଥର ପାହାଚ ଲଙ୍ଘିବାକୁ ଉତ୍ତୁଙ୍ଗ ପାହାଡ଼
ମୋ ପ୍ରଭୁ ସଦା ଆକାଶରେ ମୁଁ ଅଟେ ସମସ୍ତଙ୍କ ସାଥୀ
ଆପଣାକୁ ଅନୁଭବେ ମଧୁମକ୍ଷି ପରି ।

●

## ସ୍ୱଚ୍ଛତା

ଗୋଲକଧନ୍ଦାର ନିରବ ପ୍ରତିବାଦରେ
ଅବା ଜଣେ ଦୋଷୀର କ୍ରୂରତାରେ
ମୁଁ କେବେ ବିଶ୍ୱାସ କରେନା
ସବୁବେଳେ ସ୍ୱଚ୍ଛତାକୁ ଓ ତରଳ ସ୍ରୋତକୁ ମୁଁ
କେବେ ଅବିଶ୍ୱାସ କରେନା
ମରୁରେ ପାଣିର କାଳ୍ପନିକ ଭେକସମ ସବୁ ପ୍ରହେଳିକା
ସେମାନଙ୍କୁ ମୁଁ କହିପାରେନା
ଅନ୍ୟାୟକୁ ମୁଁ ଭୂଲତା କୁଂଚନ କରେ
ନ୍ୟାୟଠାରୁ ନିରବରେ ହାରିଯିବା ମଣିଷଟି
କେବେ ଲଜ୍ଜାବୋଧ କରେନା ।

●



## ନୂତନ ଦିନର ଅପେକ୍ଷା

ଡହଡ଼ହ ଆକାଶରେ ପଥର ସମ ସୂର୍ଯ୍ୟ ଉଇଁ ଆସେ
ସାରାଦିନ ଝୋଟବସ୍ତ୍ର ସମ ଅତି ରୁକ୍ଷ ଅତି ଅମସୃଣ
ଶୁଷ୍କ ବାୟୁ ଚୁମେ ପାଦପରେ
ଅତି ନିର୍ଦ୍ଦୟ ଭାବରେ ଚାପି ଦିଏ ଆଣି
ରୁଗ୍‌ଣ ସମ ସଂଧ୍ୟା ଖଣ୍ଡିକାଶ ଦିଏ
ସାୟାହ୍ନ ଅସହାୟ ସମ ପଡ଼ିଥାଏ
ଲୁଟିଯାଏ ଅନ୍ଧକାର ଗାଲିଚା ଉପରେ
ସାରା ରାତି ସୂର୍ଯ୍ୟମୁଖୀ ଅପେକ୍ଷାରେ ଥାଏ
ଦେଖିବାକୁ ସକାଳର ସୂର୍ଯ୍ୟାଲୋକ
ଫୁଟିବ ସେ ରବିକର ଲଭି ।

●

# ବିଭୁକୃପା

ହେ ପ୍ରଭୁ ମୋର ସତ୍ତା ଓ ଏ ସାରା ଧରାରେ
କାହାକୁ ଶାନ୍ତି ଦିଏ ବା ନ ଦିଏ
କିନ୍ତୁ ମୁଁ ତୁମକୁ କେବେ ଅଶାନ୍ତ କରିବି ନାହିଁ
ଆପଣଙ୍କ କୃପା ବଳରେ କଂଟାବି ଫୁଲ ହୁଏ
ମୁଁ ଯେବେ ବର୍ଷାରେ ଭିଜୁଥାଏ
ତୁମେ ସେତିକିବେଳେ ମୋ ପାଖକୁ ଆସ
ସୂର୍ଯ୍ୟଙ୍କ କିରଣ ନେଇ
ଋତୁଚକ୍ର ଆସୁଥାଏ ଯାଉଥାଏ
ପୁଣି ଥରେ ଆସିବା ପାଇଁ
କିନ୍ତୁ ମୋର ହୃଦୟର ଋତୁଚକ୍ର ଶାଶ୍ୱତ ବସନ୍ତ
ଆପଣ ମୋତେ ଏତେ ଦାନ ଦେଇଛନ୍ତି ଯେ
ମୋ ପାଖରେ ମାଗିବାର କୌଣସି ପ୍ରଶ୍ନ ହିଁ ନାହିଁ
କେବଳ ମାଗୁଣି ଆପଣଙ୍କୁ କିପରି ମୁଁ ଶାନ୍ତି କରିବି ?
ମୋ ପାଇଁ କେଉଁଟା କର୍ତ୍ତବ୍ୟ ଆଉ କେଉଁଟା ନୁହେଁ, ତାକୁଇ ଜାଣିବି ।

●



# ପ୍ରଚେଷ୍ଟା

ସମୟ ଆସିଲେ ହୁଏତ ମୋ ଦୃଷ୍ଟିଶକ୍ତି କମିଯାଇ ପାରେ
ହେଲେ ମୋର ଦୂରଦୃଷ୍ଟି ଅତୁଟ ରହିବ
ମୁଁ ସର୍ବଦା ସୁଦୃଢ଼ ରହିବି ଗିରିସମ ଅଚଳ ଅଟଳ
ବାକ୍ୟ ମୋର ନୁହଁଇ ରଞ୍ଜିତ ଅବା ଚିତ୍ରିତ
ଭାଷଣ ମୋ ରହିବ ସଚେତ ସୁସ୍ପଷ୍ଟ
ମୁଁ ଏ ଭୂଇଁକୁ ପ୍ରାଣାଧିକ ପ୍ରେମ କରେ
ନିରବରେ ଗୀତ ଗାଏ ମିଳନର ଗୀତି
ସମୟ ଆସିପାରେ ମୋର ଦୃଷ୍ଟିଶକ୍ତି କମାଇ ଦେବାକୁ
କିନ୍ତୁ ମୋର ଦୂରଦୃଷ୍ଟି ଅତୁଟ ରହିବ
ମୋର ପ୍ରତ୍ୟେକଟି କର୍ମରେ ରହିଛି ଭଗବତ୍ କୃପା
ଯେ କେବେ ତ୍ରୁଟି କରେ ନାହିଁ
ଭୟ କିମ୍ବା କାହାକୁ ରହିବ ?
ମୋର ସମସ୍ତ କର୍ମ ମୋ ନିଜର ସ୍ବୀକୃତ ଅଟେ
ସଦା ଯାହା ମାନବ ଚିତ୍ତ ଅଟେ ।
ସମୟ ଆସିବ ମୋର ଦୃଷ୍ଟିକୁ କମାଇ ଦେଇପାରେ
ହେଲେ ମୋର ଦୂରଦୃଷ୍ଟି ଅତୁଟ ରହିବ ।

●

# ପ୍ରାର୍ଥନା

ପ୍ରତ୍ୟେକ ସଂଗୋଷ୍ଠୀ, ପ୍ରତ୍ୟେକ ସମ୍ମେଳନରେ
ସମ୍ମିଳିତ ପ୍ରିୟଜନ ବନ୍ଧୁ ସହୋଦରେ
କରେ ମୁଁ ସ୍ୱାଗତ ଊର୍ଦ୍ଧେ ବାହୁ ଟେକି
ସବୁବେଳେ ମୋର ଦ୍ୱାର ଦେଶରେ ସ୍ୱାଗତିକା ଲେଖା
"ସତ୍ୟର ସ୍ୱାଗତ"
ହେଉ ଅବା ବାଟିକା ଛଳନାର ଅଜ୍ଞାତ ଜନ
ପ୍ରଦାନେ ଆରାମ ତାକୁ ମୁଖ ନିର୍ବିକାରେ
ଯେଣେ ଚାହେଁ ଖାଲି ଦେଖେ ମୁଁ ସତ୍ୟ, ସଯତ୍ନରେ ସେବା କରେ
ଏପରିକି ମୋର ସମାଲୋଚକଙ୍କୁ
ଯେତେ ଖଳ ଯେତେ ପ୍ରବଂଚନା
ସବୁ ମୁଁ ପିଇଯାଏ ସଂଭ୍ରମରେ ଉତ୍ତମ ବିଚାରେ
ଜୀବନ କେବେ ଖଳ ସାକ୍ଷ୍ୟ ଦେଇ ହେବନି ବିପଥ
ସତ୍ୟ ଯାହା ଦୁଇ ପ୍ରାନ୍ତ ବିନ୍ଦୁ ଈଶ୍ୱର କୃପାର
ଆମେ ତାକୁ ପାଇବା ନିଶ୍ଚୟ
ଭଗବାନଙ୍କର ଦାନ ଯାହା ମୋ ଦକ୍ଷତା
ପ୍ରତ୍ୟେକର ସତ୍ୟ ପ୍ରତ୍ୟେକଠୁ ଭିନ୍ନ
ହୋଇପାରେ ଏବଂ ଏହା ହିଁ ବାସ୍ତବ ।

●



# ପ୍ରେମ

ମୋ ପ୍ରେମ ସତେ ଅବା ତରଳ ଶିକୁଳି
କିପରି ପାରିବି ବାନ୍ଧି କରି ସତ ଚେଷ୍ଟା
ମୁଁ ନାରାଜ ଯିଏ ଯେତେ କରୁବା ଶପଥ
କିପରି ଭରିବି ତାକୁ ଖାଲି ରିକ୍ତ ଭାବନା ହୃଦର
ସକାଳର କରକା ପରିକା ବାନ୍ଧଇ ଜମାଟ
କଳ୍ପନାକୁ କେବେ କେହି ଧରିପାରେ ନାହିଁ ।
ରବିଙ୍କର କେବେ କେହି ପାରେ ସୃଷ୍ଟି ଭରି
ସମୀରଣେ କେବେ କିବା ରଖିବ ପିଞ୍ଜରେ ?
ଏହି ପ୍ରେମ ସତେ ଅବା ପ୍ରହେଳିକା
ନୀରଦର ଫେନେ ।
କେବଳଟି ଅନୁଭବ ଏକ ପାରିବ ଧରି
କୁହୁଡ଼ି ଘାରିବ ପୁଣି କୁହୁଡ଼ି ହଟିବ
ଅନ୍ତରରୁ ଗୁମାନୀ ମନ ଯେବେ ହେବ ପ୍ରତ୍ୟାଖ୍ୟାତ
ସତେ ଅବା ରାଜହଂସୀ ମୋ ପ୍ରେମ ସାଗରେ
ଆକାର ବିହୀନ କେବେ ଗୁନ୍ଥିବକି
ମୁକ୍ତାର ମାଳା ।

●

## ସଫଳ ଅଧ୍ୟବସାୟ

ପ୍ରଚେଷ୍ଟା ମୋ ଜିଣିବାକୁ ଉତ୍ତୁଙ୍ଗ ଶିଖରୀ
ଯାତ୍ରା ମୋର ଶେଷ ହୁଏ କେତେକ ଉପଳେ
ସଚେଷ୍ଟ ମୁଁ ସୃଷ୍ଟିପାଇଁ ପ୍ରମୋଦ ଉଦ୍ୟାନ
ପାଇଲି ମୁଁ କଂଟକିତ ଗୁଳ୍ମ ଉପବନ
ଭାବିଥିଲି ନଦୀଜଳ ଲଂଘିବାକୁ
ଆଣ୍ଠୁଏ ପାଣିରେ
କିନ୍ତୁ–ହାଏ ଫେନପୂର୍ଣ୍ଣ ଗହ୍ୱରେ ବୁଡିଲି ।
ଉଷ୍ଣଦାୟୀ ତପନ କିରଣ ହେଲା ପରାଭୂତ
ରହିଥିଲେ ବହୁଦୂରେ ମୋଠୁ
କେବଳ ଛୁଇଁ ପାରିଲି ପ୍ରତିବିମ୍ବ ଛାୟାକୁ ତାହାର
ଚାହିଁଲି ମୁଁ ଲଭିବାକୁ ଚନ୍ଦ୍ରମାର ପ୍ରେମ
ହେଲେ ପ୍ରତିଫଳ କ୍ଷାନ୍ତହେଲା ଶେଷ
ସମଗ୍ର ଆକାଶେ
ଆଶା ଥିଲା ଏକମାତ୍ର ଢେଉ ଦୂରନ୍ତ ସାଗରୁ
କ୍ରନ୍ଦନରତ ମୁଁ ଥିଲି ଦଳପ୍ରାନ୍ତେ ବସି ।

●



## ମଧ୍ୟରାତ୍ର

ମଧ୍ୟରାତ୍ର ଖୋଲିଦିଏ ହୃଦୟ ଫାଟକ
ସତେ ଅବା କୋଇଲିର କୁହୁତାନ ଖେଳିଯାଏ ଚାଣ୍ଡେ
ଆମେ କିନ୍ତୁ ମୂକ ଥାଉ ଯେତେବେଳେ ନିରବତା ଭାଙ୍ଗି
ପ୍ରାଚୀରରେ ପ୍ରତିଧ୍ୱନି ହୁଏ, ଅନ୍ଧକାର ଢାଙ୍କିଦିଏ ମଣ୍ଡି ଆତ୍ମୀୟତା
ଯଦିଓ ସେ ଚାହେଁ ଜଳ ସମ ବୋହିଯିବା ପାଇଁ
ଆଶା ହୃଦୟର ଅଭ୍ୟନ୍ତରରୁ ଫେଡ଼ିଦିଏ
କିନ୍ତୁ ଆମେ ନିର୍ବାକ ଥାଉ ଯେତେବେଳେ ନିରବତା ଭାଙ୍ଗି
ପ୍ରାଚୀରରେ ପ୍ରତିଧ୍ୱନି ହୁଏ
କେବଳ ଆମ ହୃଦୟର ଗ୍ଲାନିକୁ ଜାଣନ୍ତି
କେହି ସାଥୀ ଥାଏ କିବା ଦେବାକୁ ସାନ୍ତ୍ୱନା
ଏହି ଭାବାବେଶ ସୃଷ୍ଟି କରେ ରୁଦ୍ଧ ଦ୍ୱାର ମଧ୍ୟେ
ମନ ମଧ୍ୟେ ନିରାଶାର ତୀବ୍ର ଭାବାବେଶ
କିନ୍ତୁ ଆମେ ନିରବ ଥାଉ ଓ ଆମ ନିରବତା
ଭାଙ୍ଗି ପ୍ରାଚୀରରେ ପ୍ରତିଧ୍ୱନି ଖେଳେ ।

●

# ମନଃଶ୍ଚକ୍ଷୁ, ତୃତୀୟ ନୟନ

ଦିନେ ପ୍ରତ୍ୟୁଷରେ ଖୋଲିଦେଲି ମୋ ଅନ୍ତର ଚକ୍ଷୁ
ତା’ ମଧ୍ୟରେ କଲି ଆବିଷ୍କାର କେବଳ ବନାଗ୍ନି
ଅଙ୍ଗପ୍ରତ୍ୟଙ୍ଗରେ ମୋର ବିଜୁଳି ଚମକ
ତା’ ମଧ୍ୟେ ଖୋଜିଲି ମରୁ ମରୀଚିକା
ଆବିଷ୍କାର କଲି ତହିଁ ପ୍ରମୋଦ ଉଦ୍ୟାନ
ଦେଖିଲି ତହିଁରେ ସୁଖୀ ମଣିଷକୁ
ତା’ ସାଥେ ଦେଖିଲି ଦୁଃଖୀଙ୍କୁ ସେଠାରେ
ଆହୁରି ବି ଥିଲେ ତହିଁ ରୋଗୀ ଓ ପୀଡ଼ିତ
ବିଳାସୀଏ ଥିଲେ ବି ତା’ ପାଶେ
ଯିଏ ସବୁ ହାରିଥିଲେ ଦ୍ରବ୍ୟ ସକଳକୁ
ନାହିଁ ତାଙ୍କ ଦେହେ ଆଉ ରୋଗର ଯନ୍ତ୍ରଣା
ହୃଦୟର ତନ୍ତ୍ରୀ ଝଙ୍କାର ନାଦରେ
ତା’ ସାଙ୍ଗେ ତୋଳିଲା ତାନ ପ୍ରେମ ମିଳନର
ନିଜକୁ ମୁଁ ବୁଝାଇବି ସବୁ
ଏହାଥିଲା ମୋର ଆତ୍ମ ଜାଗରଣ
ତୋଳିନେଲି ହସ୍ତେ କଂଟାସବୁ
ପାରିଦେଲି କୁସୁମଭରା ଗାଲିଚା
ରିକ୍ତ ଆକାଶରେ ସୃଷ୍ଟିକଲି ଇନ୍ଦ୍ରଧନୁ ଏକ
ମୋହ ଭାଗ୍ୟ ବିସ୍ଫୋଟିତ ମୋ ଭୂଲତା ପାଶେ ।

●



# ଆମେ ମିଳୁ ଏକ ହୋଇ

ସାଗରର ଉତ୍କଟ ଗର୍ଜନ ଆକାଶକୁ ଛୁଏଁ ତା’ର ବାହୁ
ଏଇ ମୋର ପ୍ରେରଣା ଅନ୍ତରେ
ମୋ ଶକ୍ତି ମୋ ଯୁବା ଉର୍ଜା
ଥରେ ଥରେ ସମୁଦ୍ର ଗର୍ଜନ ପ୍ରତେ ହୁଏ
ରଣ ଭେରୀ ସମ
ସତେ ଅବା ବିଜୟର ଦୁନ୍ଦୁଭି ଗର୍ଜନ
ସେ ଦିଗନ୍ତ ସମୁଦ୍ରର ଆରପାରେ
ଯେଉଁଠି ମିଳଇ ଲହରୀ ଅଭ୍ରମାଳା ସାଥେ
କେବେ ଦେଖ ଉତ୍ତୁଙ୍ଗ ଶିଖରୀ
କେବେ ବା ମନ୍ଦିର
କେତେବେଳେ ବେଳାଭୂମି ଅବା ଭୂମି ପରେ
କରେନି ସେ ଆପୋସ କଦାପି ।
କେବେ ହସ୍ତ ପାପୁଲିକୁ ଯୋଡ଼ି
ତୋଳିବାକୁ ଫେନ ପୁଷ୍ପରାଜି
ଯେଉଁ ଦିଗେ ବହିଯାଏ ଫେନ
ସୁବାସିତ ଗୁପ୍ତ ଉପବନ ଉର୍ମିମାଳା,
ଲୁଚିଯାଏ ପୁଣି ଜଳାନ୍ତରେ ଫେନ
ତଟିନୀର ଅଭିମାନ ଯେବେ ଦିଏ ଲମ୍ଫ ସାଗରରେ

ତଟିନୀ ସାଗର ମିଳିହୁଏ ଏକାକାର
ଶେଷେ ମେଳି ହୁଅନ୍ତି ଅଭିନ୍ନ
ନାହିଁ କା'ର ସ୍ୱତନ୍ତ୍ରତା ତହିଁ ।
ଗିରିଠାରୁ ଲଭିବାକୁ ସ୍ଥିରତାର ଗୁଣ
ସାଗର ଶିକ୍ଷା ଦେଇଛି ଲହରୀ ହିଲ୍ଲୋଳ
ତୁମେ ମୋର କଠିନ ଦେହରେ ଖୋଳି
ଲେଖିପାର ଶିଳାଲେଖ ଯେତେ ।
ପୁଣି ମୁଁ ତରଳିଯାଇ ହୋଇଯାଏ ଜଳ
ମିଶିଯାଏ, ହଜିଯାଏ କେଣେ ।
ଆବେଗର ନିହଣକୁ ଧରି ଏକ ହାତେ
ଆନହାତେ ମମତାର ହାତୁଡ଼ି
ଦୂର ଦିଗ୍‌ବଳୟେ ଆକାଶର ଛାତ
ଏବଂ ମାନବ ସାଗରେ
ପ୍ରକୃତିର ଉଦାର ଛାତିରେ
ଆମ ପ୍ରାସାଦଟି ନିଏ ତହିଁ ରୂପ ।
ଆମେ ଗଢୁ ଏକ ବିଶାଳ ପୃଥିବୀ
ବସୁଧୈବ କୁଟୁମ୍ବକ ଆମର ସ୍ଲୋଗାନ ।

●



# ମନ୍ତ୍ର ଉଚ୍ଚାରଣ

କୁଜ୍‌ଝଟିକା ଅସ୍ପଷ୍ଟ ଆଲୋକେ ସାଉଁଟେ ମୁଁ ଅତୀତର ସ୍ମୃତିରାଜି ଏଠି
ତମସାର ଭୟତ୍ରସ୍ତ ମନ୍ଦିରା ଗାନରେ
ଖୋଲିଯାଏ ବଳୟ ତମିସ୍ରା
ବୃକ୍ଷଡ଼ାଳୁ ଖସେ ଯେବେ ପତ୍ରଟିଏ ଧୀରେ
ଠିକ୍ ସେହିପରି ଝରିପଡ଼େ ସ୍ମୃତିରାଜି ଏକଏକ ପରେ
ସ୍ମୃତିହ୍ରାସ ପୁଣି ଶୂନ୍ୟତାକୁ ଧରି, ଭରି ଖରେ
କେତେବା ଧରିବ ସେଥିରେ ତା' ସ୍ମୃତିକୁ ପରଶେ
ସ୍ମୃତିଚାରଣ, ରୋମନ୍ଥନ ସାଗର ସାଥିରେ
ସ୍ମୃତି ସାଇଁଟିବା ଠିକ୍
ରିକ୍ତତାପ ଅପରାହ୍ଣ ବକ୍ଷେ
ଠିକ୍ ନଖହୀନ ପଞ୍ଝା କେବେସବୁ ସ୍ମୃତିକୁ ସାଉଁଟି
ଠେଲିଦେଇ ଗୁଞ୍ଜିଦେଇ ହେବନି କାହାକୁ
କାଟିଦିଅ ଜିହ୍ୱା ହେଲେ କିବା ହୋଇବ ସିଲାଇ ?
ସ୍ମୃତି ସାଉଁଟି ସାଉଁଟି ଧୁଲାଏ ମାନସ
ରୁଦ୍ଧହୁଏ ଗଳା ମୋର ପାରେ ନାହିଁ
କରି ମୁଁ ଭୋଜନ ।

ବହୁରଙ୍ଗ ବହୁରୂପ ସ୍ମୃତି ସୁନ୍ଦରୀର
ଛାଇ ଆଲୁଅର ଖେଳ କେବେ ଖରା କେବେ ଛାଇ
ସ୍ମୃତିର ତ ନାହିଁ ଜାତି
ନାହିଁ ତା'ର ରଙ୍ଗ
ସତେ କ'ଣ ସ୍ମୃତି ସୂର୍ଯ୍ୟରାଗ କିମ୍ବା ସ୍ମୃତି ପ୍ରଦୋଷର
ଅସ୍ତମିତ ରାଗ ।
ତେବେ ମୃତ୍ୟୁ କ'ଣ ସତରେ ଜୀବନେ କାହିଁ ଅବା ନେବା ଆମେ
ସ୍ମୃତିରେ ଆଶ୍ରୟ ?
ସ୍ମୃତି ନୁହେଁ ଚାମର ଓଢଣି – ସ୍ମୃତି ଏକ ଛାତ ମଥା ପରେ
ସ୍ମୃତି ଏକ ବେଳାହୀନ ଧାରା
ସତେ ସେହି ସ୍ମୃତି ଧାରେ
ଜୀବନ ଭାସଇ ।

●



# ମା' ମୋତେ ଶକ୍ତି ଦେ

ହେ ମୋର ଜନ୍ମଦାତ୍ରୀ ମାତା
ମୁଁ ମାଗେ ତୋତେ ଭିକ୍ଷା
ଛାତି ତଳେ ଯୋଡ଼ ହସ୍ତ ରଖି
ମୋତେ ଦେ ଆଶିଷ ରହିବାକୁ ମନ୍ଦଠାରୁ ଦୂରେ
ମୋତେ ଶକ୍ତିଦେ ଚାଲିବାକୁ ସତ୍ ପଥରେ ସଦା
ତୁ ମୋତେ ଆଶିଷ ଦେ ଯେଉଁଥିରେ
ପାଇବାର କୌଣସି ଆଶାନଥାଏ
ସବୁ ଆସକ୍ତିକୁ ଛିନ୍ନ କରି
କୌଣସି ଫୁଲହାର ବା ଫୁଲତୋଡ଼ା ପାଇବାର ମୋର ନାହିଁ
ତୋ ଅନ୍ତରର ଗଭୀରତମ ପ୍ରଦେଶରୁ ମୋତେ ଆଶିଷ ଦେ
ତୋର ପ୍ରେମ, ମମତା ମତେ ଭାଗ୍ୟବାନ କରିବ
ସବୁ ଆସକ୍ତି ସବୁ ବନ୍ଧନ କାଟି
ମୁଁ ଖାଲି ଚାହିଁବି ତୋ ଆଶିଷ
ମା' ମୋତେ ଶକ୍ତି ଦେ

●

# ଆସକ୍ତି

ମୋ ଜୀବନ ସଫେଦ କାନ୍‌ଭାସରେ ଦେଖ ଖୋଲି ଚକ୍ଷୁ
ନାହିଁ କିଛି, ସବୁ ସଫା ଯେଉଁଠାରେ ଅଗଣିତ
ମୁଖରାଜି ଲଭେ ଦୃଶ୍ୟାନ୍ତର
ଏହି ସଫେଦ ଚାଦରରେ ଯେତେବେଳେ ମେଘମାଳା ମୁଖ ଦିଶେ
ଯେତେବେଳେ ବର୍ଷଣ ବାରିଦ ଭୂମି ପରେ ସବୁଜ ଘାସକୁ ବଢ଼ାଏ
ଧରା ପରେ ଅଙ୍କୁରିତ ଗୁଳ୍ମରାଜି କେଉଁଠିବା ତରୁଲତା ଆଉ କାହିଁ ଗିରି
ଚକ୍ଷୁ ମୋର ଅନୁଭବେ ବାୟୁର ବିଶ୍ୱାସ
କେହି ନାହିଁ ଏଠି ଅଜଣା ଅଜ୍ଞାତ
ପୂର୍ଣ୍ଣ ନିରବତା ଏ ପ୍ରକୃତି, ଭାରି ଭଲ ଲାଗେ
ଅଜଣା ବିହଙ୍ଗ ମଧୁମକ୍ଷି ପ୍ରଜାପତି ପତ୍ରର କୁଟୀର ରଚି କରୁଥାନ୍ତି କ୍ରୀଡ଼ା
ନାସା ଅଗ୍ରେ ପତ୍ରଟିଏ ଥାପି ଆଘ୍ରାଣରେ ଲଭେ ମୁହିଁ
ପହିଲି ବର୍ଷାର ବାସ୍ନା ସେହି ଧଳା କଳା ହାସ
ଅତି ନରମ ରେଶମି ମୋତେ ଢାଙ୍କି ଦିଏ
ତା'ର ଅଦୃଶ୍ୟ ଛାୟାରେ ।

●



# ଚାଲ ଆମେ ମେଳାରେ ମେଳିବା

ମେଳାରେ ସ୍ୱଗୋଷ୍ଠୀ ନାହିଁ ଦିଶା ତା'ର
ମୋର ଜୀବନ ଧର୍ମ ମୋ ପ୍ରାଣ ଆହ୍ୱାନ
ତା'ର କର୍ମ
ମେଳାରେ ବନ୍ଧୁତାର ମୁଖ ଖୋଜିଯାଏ
ସମସ୍ତ ମିଳନ ଅଟେ ଫଳପ୍ରସୂ
ସମୟ ବିତାଏ କେତେ ସୁନ୍ଦର ଭାବରେ
ମୁଁ ଜଣେ ଏମନ୍ତ ମଣିଷ
ଯାହାର ବିଶ୍ୱାସ ହିଁ କର ଆଉ କର
ଜାଣେନା ମୁଁ କେବେ ନାସ୍ତି ଆଉ ନାସ୍ତି
ଯଦି କେଉଁ କୋଠା ଧସିଯାଏ
ମୁଁ ତୋଳିଧରେ ତାହାକୁ ସହଜରେ
ପ୍ରତ୍ୟେକ ମାନବ ଭିତରେ ମାଧବର ସତ୍ତା
ତାଙ୍କରି ସମ୍ମୁଖେ ଉଭା ରାମଚନ୍ଦ୍ର
ମୋ କରରେ କୃଷ୍ଣଙ୍କ ବାଂଶରୀ
ଆଉ ଶିବଙ୍କର ଧନୁ ।

ମୁଁ ଜଣେ ମାନବ ସଦା ପ୍ରଭୁଙ୍କ ଆଶ୍ରିତ
ଏହି ମାତୃଭୂମେ ଦେହେ ମୁହିଁ ସ୍ୱର୍ଗ
ମୋର ଏକମାତ୍ର ଦାବି ଧନୀଙ୍କର ସ୍ୱଗୋଷ୍ଠୀ
ଯାଉ ଅପସରି
ଭେଟିବାକୁ ଭାଇ ବନ୍ଧୁ ମେଳରେ ।

●



# ଗୁପ୍ତ

ଚାହେଁ ନାହିଁ କରିବାକୁ ମୋ ଦୃଷ୍ଟି ନିକ୍ଷେପ
ରଜନୀର କଳା ଯବନିକା, ଢାଙ୍କିଅଛି ବୃକ୍ଷ ସର୍ବାଙ୍ଗରେ
ଦେଖିବାକୁ ଚାହେଁ ମୁଁ ଅବଶ୍ୟ
ଝଲକିତ ବୃକ୍ଷାବଳୀ ତପନର କରେ ।
ସାରା ଅପରାହ୍ନ ଦୃଶ୍ୟ
ସୂର୍ଯ୍ୟକରେ ପ୍ରସ୍ଫୁଟିତ ଫୁଲ ସୁରଭିତ ତା'ପରେ ବିହଙ୍ଗ
ଝଲସଇ ମୋ ନେତ୍ର ସମ୍ମୁଖେ ।
ପ୍ରଭାତର ନିରୀହ ପାଦପ
ପ୍ରଦୋଷର ପ୍ରେମାସକ୍ତ ଯୁବା
ସାୟାହ୍ନର ସୁଜ୍ଞାନୀ ପାଦପ
ଏସବୁ ମୁଁ ତୋଳିଧରେ ଶିରାପ୍ରଶିରାରେ
ପାଦପ ମୋ ଜୀବନର
ଏକ ଦୃଢ଼ଶଙ୍କା ଶୋଇଯାଏ ତା' ଛାୟାରେ କେବେ
ମଧ୍ୟାହ୍ନ ଶ୍ୱାସରେ ଲଭେ ମୁଁ ଉଷ୍ମତା
ମୋ ଛାୟା ବି ଲୁପ୍ତ ହୁଏ ତା'ରି ଭିତରେ
ସମୀରଣ ହିଲ୍ଲୋଳରେ ତୋଳିଧରେ ଜଳକଣା ଗଣେ
ସେହି ପାଦପ ମୋ ଜୀବନ ଅଇନାରେ
ଶୋଇ ଅସ୍ତିତ୍ୱରେ ସେହି ଅଟେ ଗୁପ୍ତ ।

●

## ରମେଶ ପାରେଖ

ଚନ୍ଦ୍ରମା ଉତ୍ସବ ଏଠି ସମସ୍ତେ ଏକତ୍ର
 କେହି ସାଥେ ଆଣିଛନ୍ତି ସ୍ୱପ୍ନ
କେହି ଅବା ଫମ୍ପା ଅମାମଣି
 ପୂର୍ଣ୍ଣ ମଧ୍ୟାହ୍ନରେ ରାତ୍ରିର ଆଗମେ
ଅନ୍ଧକାର ଭରିଯାଏ ନେତ୍ରେ
 କିନ୍ତୁ ରମେଶ ବିହୁନେ
ପ୍ରାଣ-ମନ ମରିଯାଏ ମୋର
 ଦିନଥିଲା ପ୍ରିୟ ବନ୍ଧୁ ଯିଏ
ଆଜି ଶତ୍ରୁସମ, ଲୋତକ ଝରଇ
 କିନ୍ତୁ ଦେଖାଇ ହୁଏନି
ରମେଶର ହସ୍ତଲେଖା ଝଟକଇ ତା'ର ଫୁଲ ପରି
 ଅମ୍ରେଲିର ଗଳି ସବୁ ସ୍ମୃତି ଜାଗେ
ପଲ୍ଲୀଗୀତ ଯାଏଟି ସଂଚରି
 ସେହି ଦିନ ସବୁ ଚଷମାର ଧାରେ
ଯଦିଓ ଚକ୍ଷୁ ମୋର ରିକ୍ତ
 କେବଳ ଦେଖେ ମୁଁ ରମେଶ

ସବୁ ଅତୀତର ଭାଷା ହୋଇଯାଏ
 କବିତାର କଲ୍ଲୋଳ
ତଥାପି ତା' ସ୍ନେହ ରହିଛି ଅନ୍ତରେ
 ତା' ଅବିଭ୍ରାନ୍ତ ଦୃଷ୍ଟି
 ଚାହେଁ ଏବେ ମୋତେ ।

●

# ଲକ୍ଷ୍ୟ ଆଡ଼କୁ

ଆଖି ଆଗରେ କେବଳ ଲକ୍ଷ୍ୟ ହିଁ ସ୍ଥିର
ନିଜକୁ ଭୁଲିଯାଇ କେତେ ବେଳେ ଧାଇଁ ଧାଇଁ
କେତେବେଳେ ଡେଇଁ ଡେଇଁ
ଅବା କେତେ ବେଳେ ଥରି ଥରି
ଏକ ରକ୍ତ ରଞ୍ଜିତ ରାସ୍ତାରେ ପାଦେ ପାଦେ ଆଗେଇ ଯାଉ
ଲକ୍ଷ୍ୟ କରୁ ଗାଢ଼ ଲାଲର ପଦଚିହ୍ନ ମାନ
ଆମ ଦାୟାଦମାନଙ୍କର ଅଟ୍ଟହାସ, ରକ୍ତପାତ
ସୂର୍ଯ୍ୟ ରଶ୍ମି ପ୍ରତିଫଳିତ ବହୁ ହସରେ ରଙ୍ଗାୟିତ
ସମୟର ଗତି ଚକ ଗଡ଼ିଚାଲେ
ଅଦୃଶ୍ୟ ହୁଏ ପୁଣି କେବେ ଲକ୍ଷ୍ୟ ସାମ୍ନାରେ ଦିଶେ
ଏବଂ ମୋର ଗତି କ୍ଷିପ୍ରତର ହୁଏ ।

●



# ବନ୍ଦେ ମାତରମ୍

ବନ୍ଦେ ମାତରମ୍ ବନ୍ଦେ ମାତରମ୍
ଏହା କେବଳ ଗୀତଟିଏ ନୁହେଁ
ଏହା ଆମର ସ୍ୱାଭିମାନ, ସମ୍ମାନ ଓ ଉନ୍ନତିର ପ୍ରତୀକ
ସ୍ୱାଧୀନତାର ଦାନ ଏ ମହାନ୍
ଏ ଆମ ଜାତିର ଆହ୍ୱାନ
ଭାରତଗଣ ରାଜ୍ୟର ପୂର୍ଣ୍ଣ ଏକ ଅବତାର
ଏହା ଆମ ତ୍ୟାଗର ପ୍ରତୀକ ଓ ଜାତି ପରିଚୟ
୧୮୭୫ର ସ୍ମୃତି ଓ ଆଲୋକବର୍ତ୍ତିକା
ପବିତ୍ରତାର ଉନ୍ନତି ଓ ଭକ୍ତିର ଆହ୍ୱାନ
ଶାଶ୍ୱତ ମଶାଲ ବନ୍ଦେ ମାତରମ୍ ନୁହେଁ କେବଳ
ଶବ୍ଦ ସମ୍ମେଳନ
ଏହା ଆମ ଆତ୍ମାର ଅବତାର, ସ୍ୱାଧୀନତା ଓ ମୁକ୍ତିର ପ୍ରତୀକ ।

●

# ପ୍ରେମ କେତେ ଅଜଣାଟି ସତେ

ଚନ୍ଦ୍ର ଉଦୟରେ ସିନ୍ଧୁ ନଦୀ ଦିଏନି କି ଲମ୍ଫ ?
ତପନ ଉଇଁଲେ ହସେନି କି ସୂର୍ଯ୍ୟମୁଖୀ ଫୁଲ ?
କେବେ କି ପ୍ରଖର ସ୍ରୋତ
ମୁହାଣକୁ ଛୁଇଁ
କେବେ କି ପାରଇ ଫେରି
ଛୁଇଁ କରି ସିନ୍ଧୁ ?
ପ୍ରସ୍ଫୁଟିତ କୁସୁମକୁ ଦେଖି
ନିରବିଯାଏ କି ମଧୁମକ୍ଷି କୁହ ?
ମନ୍ଦିରର ଘଂଟିଯେବେ ବାଜେ
ପୂଜାରୀ କି ରୁଦ୍ଧଦ୍ୱାରୀ ଭକ୍ତଗଣେ ଦେଖି ?
ମନ୍ଦିର ବେଢ଼ାରେ ପ୍ରଜ୍ୱଳିତ ଦୀପାବଳି
କରେନି କି ଆଲୋକିତ ମନ୍ଦିର ଗାତ୍ରରେ ?
ଏ ଆତ୍ମାନନ୍ଦ ପ୍ରେମ ଅନୁଭବୀ
ସତ୍ୟପ୍ରେମ ଯେ ଅତି କଠିନ
ଅତୀବ ଅଜ୍ଞାତ, ହୁଏକି ପାସୋରି ?

●



# ପ୍ରତ୍ୟୁଷର ପ୍ରହେଳିକା

ପରାଜୟର ଅମା ନିଶି ଯାଇଅଛି ପାଇ
ବିଜୟର ପ୍ରତ୍ୟୁଷ ଉଇଁଛି
ଆଜି ଉଷାକୁ ବନ୍ଦିବା ଆମେ
ଉଜ୍ଜ୍ୱଳିତ ଶୁଭ୍ରତାର ଆସନ୍ତା କାଲିକୁ
ମସୀର ଏ ଦୁର୍ବାର ପ୍ରାଚୀର ଭାଜିଛି
ପୁଣି ଏକ ନିର୍ଭୀକ ପ୍ରତ୍ୟୁଷ ଉଇଁଛି
ଆସ ଆମେ ଏବେ ହେବା ସର୍ବତ୍ର ଏକତ୍ର
ଆରୋହିବା ଅବିଳମ୍ବେ, ହେବା ଦେଶାନ୍ତର
ସୁବୃହତ, ଛୁଇଁଛୁଇଁ ଭୁଲିଯିବା ଅହମିକା
ଆପଣା ମନର ।
କୁସୁମ ସୁବାସ ଆନନ୍ଦଦାୟକ
ଦେଖ ଏକ ନିର୍ବାକ ପ୍ରତ୍ୟୁଷ ଉଇଁଛି ।
ନାହିଁ ଏବେ ଶୋକ ଅବା ଗ୍ଲାନି
ନାହିଁ ପଶ୍ଚାତ୍ତାପ ଅବା ପୀଡ଼ା
ନାହିଁ ଝଡ଼ ଯାଇଅଛି ଦୂରେ
ଆକାଶର ପ୍ରଶାନ୍ତ କ୍ରୋଡ଼ରୁ
ହଜିଅଛି କଂଟକିତ କରୁଣାର ସ୍ୱର
ଝଲକୁଛି ଆଶାର ଫୁଆର ମୁକ୍ତି ଶତଦଳ

ନିର୍ଭୀକ ପ୍ରତ୍ୟୁଷ ଆଜି ପ୍ରମୋଦର ବେଳା
 ମଣ୍ଡିଛି ଛାତିରେ ଉତ୍ସାହ ଆନନ୍ଦ
ପ୍ରତିଟି କୋଷରେ ପ୍ରତ୍ୟାଶାର ସ୍ୱପ୍ନ
 ପ୍ରତିଟି ଅନ୍ତରେ ପ୍ରଭୁ ରାମଙ୍କ ଅସ୍ତିତ୍ୱ
ନାହିଁ କାହିଁ ନିରାଶା ଆଉ ହତାଶାର ବେଳା
 ଏକ ନିର୍ଭୀକ ପ୍ରତ୍ୟୁଷ ସମୟ ମୁକ୍ତିର ।

●



# ବେଦନାର ସ୍ରୋତ ଯାଉ ବୋହି

ଲୋତକକୁ ବୋହିବାକୁ ଦିଅ
 ଫୁଲ ଯଦି ଝରିପଡ଼େ ଝରିବାକୁ ଦିଅ
ତା'କୁ ମରିବାକୁ ଦିଅ ସେ ଧୂଳିରେ ହଜିବାକୁ ଦିଅ ।
 ବେଦନାକୁ ବୋହିବାକୁ ଦିଅ
ସ୍ୱପ୍ନସବୁ ଆସିଯାଏ, ଛାଏଁ ଡୁବିଯାଏ
 ବିନା କାରଣରେ ପୁଣି ହଜିଯାଏ
ଆଖିର ଝରକାରେ ବୋହିଯାଏ ଲୁହ
 ବିହଙ୍ଗମ ଦୃଷ୍ଟିଫେଇ ଦେଖ
ବେଦନାକୁ ବହିବାକୁ ଦିଅ
 ଲୋତକକୁ ବହିବାକୁ ଦିଅ ।
ପ୍ରତିଟି ମୃଦୁଭାବ ଯେବେ ଉଚ୍ଛୁଳଇ
 ଆଶା ଖାଲି ମୁରୁକି ହସଇ
କେଉଁ ଅଜଣା ହୃଦୟର ଭାବପ୍ରବଣତା
 ମୋ ନେତ୍ର ହ୍ରଦେ ରାଜହଂସ ଭାସେ
 ଜଳସ୍ରୋତ ପୋତେ ।

ବେଦନାକୁ ବହିବାକୁ ଦିଅ
ଲୋତକକୁ ଝରିବାକୁ ଦିଅ
ଏହି ସବୁ ସପନ ଓ ପ୍ରମୋଦ ବିଶ୍ୱାସ
ମରୀଚିକାରାଜି କେଉଁ ବିଭୀଷିକା ପୁରେ
କଂସାଳୟ ଛାୟାତଳେ ଲୁଚାଏ ନିଜକୁ
ଯେପରି ନୀରଦମାଳା ଘୋଟିଯାଏ କ୍ଷଣେ
ବେଦନାର ସ୍ରୋତ ବହିଯାଏ
ଲୋତକ ସେ ଝରିବାକୁ ଦିଅ ।

●



## ଶବ୍ଦାବଳୀ

ମୋ ଶବ୍ଦ ଗିରିଠୁ କଠିନ
ଭାସମାନ ଶବ୍ଦାବଳୀ ନଦୀଧାରେ ସତେକି ସ୍ଫଟିକ
ପାଷାଣ ଓ ଜଳ ଦୁର୍ଲଭ ମେଳି ରଚନ୍ତି ସମ୍ଭାଷ
ତୁମେ ଆଉ ମୁଁ ଯଦିଓ ସମାନ ଏକଇ ବନ୍ଧନେ
ତେବେ କିନ୍ତୁ ବିନ୍ଦୁପଣେ ଭିନ୍ନ ଭିନ୍ନ
ଆମେ ଦୁହେଁ ସହଯାତ୍ରୀ ଏକଇ ପୋତର
ତୁମେ ରାଣୀ ପରି ଉପଗାଥା ଆଉ ମୁଁ ଅଟେ ଗହ୍ୱର ସାଗର
ଏକ ଅଟେ ନଦୀ ହେଲେ ଦୁଇ ତଟ
ଏକ ପ୍ରାନ୍ତେ ତୁମେ ମୁଁ ଆନ ପ୍ରାନ୍ତେ
ଅବିରାମ ସମୟ ଚାଲେ ଏ ଜୀବନର ଗତି ଆମ
ଯାଯାବର ପରି, ଜାଣେ ସିଏ ଆମର ଦୁଃଖର କାହାଣୀ
ତଥାପି ସେ ରହିଯାଏ ଅଜ୍ଞାତ ଅଜଣା ।

●

## ଅସମୟ ଋତୁ

ପ୍ରତ୍ୟେକ ବେଳର ଗହଳି ଆଉ ସମ୍ମେଳନ
        ବହୁ ସଂଖ୍ୟାରେ ଏକତ୍ର ଫଟୋଉତ୍ତୋଳକ ।
ଚକ୍ଷୁ ମୋର ଝଲସଇ ଆଲୋକରେ
        ଚକ୍‌ମକ୍‌ ଝଟକଇ ସଦା ମୋ କଣ୍ଠ ସ୍ୱର ହୁଏ ଶତଗୁଣ ।
ଡାକବାଜି ଯନ୍ତ୍ରେ ମୁଁ ଅତି ବିମୋହିତ ଅତି ଆନନ୍ଦିତ
        ତଥାପି ମୁଁ ଭ୍ରମବଶେ ଅପ୍ରତିତ ହୋଇନାହିଁ କେବେ ।
କିନ୍ତୁ ମୁହିଁ ଶୁଣୁଥାଏ ଧ୍ୱନିଯୁକ୍ତ ଅସୁମାରି ତାନ
        କେବେ କେବେ ଅନ୍ୟାୟ ସମ୍ମୁଖେ ବିବ୍ରତ ହୁଏ ମୋର ସ୍ୱର ।
ପୁଣି କେବେ ନଦୀ ସ୍ରୋତ ପରି ଛୁଟେ ଶବ୍ଦାବଳୀ
        ପୁଣିକେବେ ଧାଇଁ ଧାଇଁ ଚୁମିଦିଏ ବସନ୍ତ ସୁମନ ।
ସଂଭ୍ରମରେ ଢାଙ୍କିଦିଏ କେବେ ମରୁପ୍ରାନ୍ତେ ଶବ୍ଦାବଳୀ ସତତ ଚଂଚଳ
        ଅତୀବ ଆଶ୍ଚର୍ଯ୍ୟ ! ନିରେଖଇ ଖାଲି ଅସୁମାରି ଶବ୍ଦ ମଧ୍ୟେ ଶବ୍ଦ ।
ମିଶିଯାଇ ପ୍ରଶାନ୍ତିର ବରଫ ଭିତରେ ଅନୁଭବେ
        ପୁରାତନ ଋତୁଙ୍କୁ ଏକାନ୍ତେ ।

●



## ସପନର ବୀଜ

କେବେ ମୁହିଁ କରେନି ସଂକୋଚ
        ଡରେ ନାହିଁ ଡାକିବାକୁ ନାମଧେୟ କରି
ବାର ବାର ଉଚ୍ଚାରଇ ଜଳ ଜଳ ବୋଲି
        ମୁଁ ଜଣେ ନଗ୍ନବାସ୍ତବିକ
ମୁଁ ଦେଖେ ଆକାଶକୁ ଇନ୍ଦ୍ରଧନୁ ଶୋଭା ବିମଣ୍ଡିତ
        ହେଲେ ମୋ ନିବାସ ପାଷାଣେ ନିର୍ମିତ
ନୁହେଁ ତାହା ଇନ୍ଦ୍ରଧନୁ ଶୋଭେନା ଗଗନେ
        ଇନ୍ଦ୍ରଧନୁ ରାଗେ ରଙ୍ଗା ସାରା ସ୍ୱପ୍ନ ମୋର
ନୁହେଁ ତାହା ପ୍ରେମାସକ୍ତ ବିରହୀର ଗାଥା
        ଜୀବନ ସାମଗ୍ରିକ କର୍ଷଣ ଓ ଗ୍ଳାନିର ବାରତା
ହୁଏତ ସେ ସ୍ୱପ୍ନ ସହ ଅନ୍ତରେ ସାଇତା
        ଦିନେ ଅଙ୍କୁରିବ ସେହି ସ୍ୱପ୍ନବୀଜ
            ମହାଦ୍ରୁମ ହୋଇ ।

●

# ସାଥି ହୋଇ ଚିନ୍ତନ କରିବା

ରାତିର ଗର୍ଭରୁ ଜାତ, ପ୍ରଭାତକୁ କହିଲି ମୁଁ
ଆସ ମୋ ପାଖରେ ବସ
ମୋ ପ୍ରେମ ତୁମ ପାଇଁ ଉଚ୍ଛୁଳି ପଡୁଛି
ତୁମର ଜନ୍ମ ମୋ ଚେହେରାରେ
ହସ ଆଣି ଦେଇଛି ମୁଁ ଜାଣିନି
ଆମ ଦୁହିଁଙ୍କ ଭିତରେ, କିଏ ପିତା କିଏ ଶିଶୁ
କିନ୍ତୁ ଏତିକି ତ ଜାଣିଛି
ଯେ ସାଥିହୋଇ
ଶୁଳି କଂଟାର କଂଟକିତ ଯନ୍ତ୍ରଣାକୁ ଖାତିର କରିବାନି
ଆମେ ବିକଶିତ କରିବା ସୁଗନ୍ଧ, ଫୁଲପରି
ଦିନର ଶାଖାରେ, ଫୁଲ ଫୁଟେ
ପକ୍ଷୀମାନଙ୍କ କାକଳିରେ ବାସନା ମହକେ
ଖେଳିଯିବ ସେମାନଙ୍କ କୂଜନ ଚାରିଆଡ଼େ
ଯେମିତି ଫୁଲର ବାସନା
ଗନ୍ଧ ଆଉ ଧ୍ୱନି ଗତି କଲାବେଳେ
ରହିଥାଏ ଆକାର ବିହୀନ



ସେମାନଙ୍କ ସମନ୍ୱୟ, ସେମାନଙ୍କ ଅବସ୍ଥା, ସେମାନଙ୍କ ଗତି
ମୋ ଧ୍ୟାନର କେନ୍ଦ୍ରବିନ୍ଦୁ
ଆସ, ତୁମେ ଆଉ ମୁଁ ମିଳିମିଶି
ଏଇ ଚିନ୍ତନର ଆଶୀର୍ବାଦ ନେଇ
ପ୍ରଚେଷ୍ଟା କରିବା ସେତିକି ଦେବାକୁ
ଆସ ବହିଯିବା, ହୃଦୟରେ ସନ୍ତୋଷ ଭରି ।

●

# ନୌ ଯାତ୍ରୀ

ଯଦିରେ ଲଭିବୁ ବିଶାଳ ହୃଦୟ
ଶକ୍ତିର ମହାଉତ୍ସ
ତେବେ ତୁ ଧରିବୁ ସମୁଦ୍ର ମଝିରେ
ତରୀ, ଆହୁଲା ଓ କାତ ।
ଆକାଶରେ ଦେଖ ତାରକା ରାଜି
ତା' ପାଖେ ତୋଫା ଚନ୍ଦ୍ରମା
ପ୍ରବୃଦ୍ଧ ଶିକ୍ଷକ ସେହି ଆକାଶରେ
ପଥ କରେ ନିର୍ଦ୍ଦେଶନା ।
ସମୁଦ୍ର ଜାଣେନା ପ୍ରାଚୀରର ଭେଦ
ହିନ୍ଦୁସ୍ତାନ – ପାକିସ୍ତାନ
କେବେ ସେ ଲଙ୍ଘିବ ଛିନ୍ନ ସୀମାକୁ
ଶାନ୍ତି ବିହି ସେହିଦିନ
କେହି କେବେ ଲଙ୍ଘୁ କେହି ବା ନ ଲଙ୍ଘୁ
ସବୁହୃଦେ ଦେଶ ପ୍ରେମ
ସାଗରେ ଯେସନ ବହ୍ନି ଆଉ ଫଗୁ ।

●



# ସଂକଳ୍ପ

ଏମିତି କିଛି ଦିନ ଥାଏ, ଯେତେବେଳେ ମୁଁ ଉଠେ
ଏକ ନିଆଁ ବରଷୁଥିବା ସୂର୍ଯ୍ୟ
ଏକ ପ୍ରଚଣ୍ଡ ଉତ୍ତପ୍ତ ଦିନ
ଆଉ ମୁଁ ବି ଜଳୁଥାଏ
ନିଆଁ ଢାଳୁଥିବା ଆକାଶରେ
ମୁଁ ଖୋଜୁଥାଏ ଏକ ଶୀତଳ ପାତ୍ର
କିରଣର ତୀରସବୁକୁ ତଳକୁ ଆଣିବାକୁ
ଏବଂ ଏହି ଗୋଲୋକଧନ୍ଦାକୁ ଭେଦ କରିବା ପାଇଁ
ଛାୟାର ଏବଂ ଛାଇମାନଙ୍କର
ଏକତ୍ରିତ ହୋଇ ଗମନ କରୁଥିବା ଯାତ୍ରୀମାନଙ୍କ ପସନ୍ଦ ଭିତରେ
ମୋତେ ମିଳିଥାଏ ଦୃଢ଼ ସଂକଳ୍ପ
ସଂକଳ୍ପର ଆଲୋକ
ସଂକଳ୍ପର ଶକ୍ତି
ସଂକଳ୍ପର ଗୀତ
ସଂକଳ୍ପର ସଂସର୍ଗ
ବଢୁଥିବା ସନ୍ଧ୍ୟା

ଯେମିତି ପଲେ ଗାଈର ଧୂଳି
ଆଜି ଚମକୁଛି
ଏକ ବୁଦ୍ଧିଜୀବୀର ପ୍ରଭାମଣ୍ଡଳ
ଧନୀ ଲୋକମାନଙ୍କର ଭାଗ୍ୟ ପାଇଁ
ଏହି ମୁଣ୍ଡ ନୁଏଁ ନାହିଁ
ଯେହେତୁ ଅସହାୟତା ମୋ ରକ୍ତରେ ନାହିଁ ।

●



# ସ୍ମୃତିଚାରଣ
## (ମନେପଡ଼େ)

କୁହୁଡ଼ିଆ ଆଲୋକ ପରି, ଏହି ଅସ୍ୱଷ୍ଟ ସ୍ମରଣ
ଚାଲିଯାଇଛି ଅନ୍ଧାରରୁ ପିଇବା ପାଇଁ
ଅନ୍ଧାର ଏତେ ଭୟାନକ
ଅନ୍ଧାର ସବୁକିଛିକୁ ଘୋରିରଖିଛି ।
ଗୋଟିଏ ପତ୍ର ଗଛରୁ ଖସିପଡ଼େ
ଯେମିତି ସେ ସ୍ମୃତି ମନେପଡ଼େ
ମାନସପଟରୁ ହଜିଯାଏ ... ମାନେ କ'ଣ ?
ଏବଂ ସେ ସବୁ ଶୂନ୍ୟସ୍ଥାନ ପୂରଣ କରିବାକୁ ... କେମିତି ?
କେବେବା ସ୍ମୃତି ଗଚ୍ଛିତ ହୋଇପାରିବ ସ୍ମୃତିର କୂପରେ !
ସ୍ମୃତି ଭିତରେ ସାଗର ଲମ୍ଫ ଦିଏ
ସ୍ମୃତି ଏକ ଉତ୍ତପ୍ତ ଅପରାହ୍ନ ତା'ର
ନଖରେ ନୁହେଁ କିନ୍ତୁ ପଞ୍ଝାରେ
ଲିଭାଇଦିଅ ସ୍ମୃତିର ଦୀପ ସବୁକୁ
କାଟିଦିଅ ଏହାର ପରକୁ
ସ୍ମୃତିକୁ ଏକ ତରଫାକୁ ହଟାଇ ପାରିବନି
ତେଣୁ ଏହାର ଆଖିକୁ ଫୁଟେଇ ଦିଅ ।

କାଟିଦିଅ ଏହାର ଜିଭକୁ
ଯଦିଓ ଏସବୁ ଓଠକୁ ସିଲେଇ କରାଯାଇ ପାରିବନି
ସ୍ମୃତି ଅସ୍ଥିର ହୋଇଯାଏ
ଅନ୍ଧାରରେ ଫସି ରହି
ସ୍ମୃତି ସହିତ ମୋ ଗଳା ଅଟକି ଯାଏ
ମୋ ଜୀବନ ଅଲଗା ହୋଇଗଲା ପ୍ରାୟ ।
ସ୍ମୃତିର ଅନେକ ରଙ୍ଗ ଏବଂ ରୂପ ଥାଏ
ଏହା ଉଭୟ ଛାଇ ଓ ଆଲୁଅ ଅଟେ
ସ୍ମୃତିର କିଛି ପଦଶବ୍ଦ ନାହିଁ
ସ୍ମୃତିର କିଛି ପବିତ୍ରତା ନାହିଁ
ସ୍ମୃତି ପାଇଁ ସୂର୍ଯ୍ୟୋଦୟ କ'ଣ ?
ସ୍ମୃତିର କ'ଣ ସୂର୍ଯ୍ୟାସ୍ତ ଅଛି କି ?



ସ୍ମୃତି ପାଇଁ ମୃତ୍ୟୁ କ'ଣ ?
ଆମକୁ ସ୍ମୃତି ପାଇଁ କାହିଁକି ସୁନିଶ୍ଚିତ
ଆତ୍ମସମର୍ପଣ କରିବାକୁ ପଡ଼ିବ ?
ଏଥିରେ କୌଣସି ବସନର ଆବରଣ ନାହିଁ
ଏହାର ମୁଣ୍ଡ ଉପରେ ଛାତ ନାହିଁ
ସ୍ମୃତି ହେଉଛି ଏକ ବୋହିଯାଉଥିବା ଝରଣା
ଜୀବନକୁ ଭସେଇନିଏ ଏ ଝରଣା ।

●

# ହିନ୍ଦୁର ମନ୍ତ୍ରଗାନ

ଯଦି ତୁହି ହିନ୍ଦୁ ତେବେ କର ମନ୍ତ୍ରଗାନ
କର କର ବାରବାର ସେହି ମନ୍ତ୍ରଗାନ
ସେହି ହିନ୍ଦୁ ସେହି ହିନ୍ଦୁସ୍ତାନ ସେହି ସିନ୍ଧୁ ନଦୀ
ସେହି ଅବା ତା'ର ଏକ ପ୍ରବାଳର କାନ୍ତି
ଅନ୍ଧକାରେ ଆଲୋକ ବଳୟ
ସେହି ଆଲୋକକୁ ଫୁଟାଇ ଖୋଲାଇବା
ବସାଇବା ଆଲୋକର ହାଟ
କେ କେବେ ପାରିବନି ଉଚନୀଚ ଭେଦାଭେଦ ଭରି
ଆମରି ବଦନେ ଆମରି ଉଠରେ
ପ୍ରତିବେଶୀ ଓଠେ ଫୁଟିଉଠୁ ସ୍ମିତହାସ
ହୃଦୟର ମନ୍ଦିରେ ମନ୍ଦିରେ ।



ଆସ ବିତରିବା ହସ ଖେଳାଇବା ଆଲୋକ ଫୁଆରା
କେହି ନୁହେଁ ଶତ୍ରୁ ସକଳେ ବାନ୍ଧବ
ଭୁଲିଯିବା ମତାନ୍ତର ମନାନ୍ତର ସବୁ ଏଇତ ଆମ ଚରିତ୍ର
ଚାଲ ବିତରିବା ନୂତନ ଭାବନା ଖେଳାଇବା ଆଲୋକ ଫୁଆର
ଚାଲ ବିତରିବା ଖାଦ୍ୟ ଓ ବସନ ଆମେ ସବୁ ଭାଗ୍ୟବାନ
ଏ ସବୁତ ଆମ ପାଖେ ଅଟେ ଉପଲବ୍ଧ ।
ଧରଣୀର ସବୁଜିମାଭରା ପ୍ରମୋଦିତ ତାରାଭରା ଆକାଶ
ଯେତେବେଳେ ଯାଏଁ ସାମ୍ୟତା ଆଉ ପ୍ରେମ
ତୋଳିନାହୁଁ ପ୍ରକୃତି କୋଡ଼ରୁ ଚାଲ ଆମେ ଖେଳାଇବା
ଆଲୋକ ଫୁଆରା ।

●

# ଏକା ଦଶଦିଶା

ମନର ନିର୍ଭୀକତା ସୁ ସ୍ୱର ସଙ୍ଗୀତ
ମୃଦୁହାସ୍ୟ ମୁଖେ ଫୁଟେ ମନ୍ଦ ସମୀରଣ ସୁହାସେ
ଜଳାଧାରା ବହେ ଅବାରିତ ଆକାଶର ନିଃଶ୍ୱାସେ
ସୁଗନ୍ଧି ପ୍ରତିକ୍ଷଣ ସୁରଭିତ ଅଗ୍ନିସମ ଅଟଇ ପବିତ୍ର
ଧରଣୀ ସୁରଭିତ ପ୍ରେମ ଓ ଭଗବାନ
ସଦା ମୁଁ ଆଶ୍ରିତ ନିରବତା କ୍ରୋଡ଼େ
ଏହି ମୁହୂର୍ତ୍ତରେ ଏହି ଦଶଦିଶ ଅନ୍ତରାଳେ
ଏହା ସେହି ସଙ୍ଗୀତର ଦାନ ଅଟେ ଏହି ଏକା ଦଶଦିଶ ।

●